# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ଆଉଟସୋର୍ସିଂ କର୍ମଚାରୀ

ବ୍ରହ୍ମପୁର,୧୮।୬(ସ୍ମୃତିରଞ୍ଜନ ମହାଲିକ୍)

ରାଜ୍ୟରେ ବିଭିନ୍ନ ବିଭାଗରେ ସ୍ୱଳ୍ପ ଦରମାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦାବି ନେଇ ୨୦୨୨ ନଭେମ୍ବର ୨୬ ଓ ଗତ ମାର୍ଚ୍ଚ ୨୬ ତାରିଖରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବି ପୂରଣ ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ଯାଏଁ ପୂରଣ ହୋଇପାରିନାହିଁ। ତେଣୁ ମହାସଂଘ ପୁଣି ସମ୍ପୂର୍ଣ୍ଣ କାର୍ଯ୍ୟାବନ୍ଦ ଆନ୍ଦୋଳନ କରିବ। ଏହାପୂର୍ବରୁ ଆସନ୍ତା ୨୩ ତାରିଖରେ ରାଜ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଏଥିପାଇଁ ରବିବାର ଗେଟ ବଜାର ଏନଜିଓ ହଲରେ ମହାସଂଘ ଗଞ୍ଜାମ ଜିଲା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କମିଟି ସଭାପତି ବିଜୟ ମଲିକ ଅଧ୍ୟକ୍ଷତା କରିଥିଲେ। ଜିଲା କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ୨୩ ତାରିଖରେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ରାଲିରେ ଶତାଧିକ କର୍ମଚାରୀ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିବେ। ରାଜ୍ୟରୁ ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ସହ ସ୍ଥାୟୀ ନିଯୁକ୍ତି, କାର୍ଯ୍ୟ କ୍ଷେତ୍ରରେ ଚାକିରିର ସୁରକ୍ଷା, ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି, ବଜାର ଦର ଅନୁସାରେ ଦରମା, ମହିଳା କର୍ମଚାରୀଙ୍କୁ ମାତୃତ୍ୱ ଛୁଟି, ବରିଷ୍ଠତା ଓ ଦକ୍ଷତା ଭିତ୍ତିରେ ପଦୋନ୍ନତିର ବ୍ୟବସ୍ଥା ପ୍ରମୁଖ ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଭାଲଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବର୍ତ୍ତମାନର ସରକାରଙ୍କ ଯୋଜନାଗୁଡ଼ିକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେଉଥିବା କର୍ମଚାରୀଙ୍କୁ ଅଣଦେଖା କରିବା ନିଶ୍ଚିତ ରୂପେ ସରକାରଙ୍କ ଆର୍ଥିକ ପରିଚାଳନା ବିଫଳତାକୁ ପଦାରେ ପକାଉଛି ବୋଲି କହିଥିଲେ। ମାସକ ମଧ୍ୟରେ ଭିତରେ ଦାବି ପୂରଣ ନ ହେଲେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଶାନ୍ତ ମହାରଣା, ଲକ୍ଷ୍ମୀ ନୃସିଂହ ରଥ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ମହାସଂଘର ଉପ ସଭାପତି ଜୟରାମ ରାଓ, ସମ୍ପାଦକ ବିନାୟକ ପତି, ସାଙ୍ଗଠନିକ ସମ୍ପାଦକ ସୁନୀଲ ଦାସ, ପଞ୍ଚାୟତ କର୍ମଚାରୀ ନେତା ମିହିର ବିଶ୍ୱାଳଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

### ମହାସଂଘର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକରେ ନିଷ୍ପତ୍ତି

## ସଂକ୍ଷେପରେ

### ମାଇନ୍ସ ସଂସ୍ଥାରୁ ଟଙ୍କା,କମ୍ପ୍ୟୁଟର ଲୁଟ୍

ବ୍ରହ୍ମପୁର,୧୮।୬(ସୁବାସ ଚନ୍ଦ୍ର ପାଢ଼ୀ): ସଦର ଥାନା ଅନ୍ତର୍ଗତ ବାଲିପଡା ନିକଟ କୁମ୍ଭଝରି ନିକଟରେ ଥିବା ପ୍ଲାଣ୍ଟ ଓ ମାଇନ୍ସ ସଂସ୍ଥାର ସୁପରଭାଇଜରଙ୍କୁ ଧମକ ଦେଇ ସେଠାରୁ ଟଙ୍କା, କମ୍ପ୍ୟୁଟର ଲୁଟ ହୋଇଛି। ଥାନାରେ ଅଭିଯୋଗ କଲେ ସଂସ୍ଥାର ମାଲିକ ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି। ଏନେଇ ସୁପରଭାଇଜର ପି. ଦାମୋଦର ଚୌଧୁରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ସଂସ୍ଥାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ପ୍ରକାଶ ଯେ, ଗତ ୧୩ ତାରିଖ ମଧ୍ୟାହ୍ନରେ ଦାମୋଦର କୁମ୍ଭଝରି କାର୍ଯ୍ୟାଳୟରେ ଏକାକୀ ଥିଲେ। ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ସଂସ୍ଥାର ରେଜିଷ୍ଟ୍ରର ମାଗିଥିଲେ। ଦାମୋଦର ଦେବାକୁ ମନା କରିଦେବାରୁ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଫୋନ କରି ତାଙ୍କ ସହଯୋଗୀମାନଙ୍କୁ ଡାକିଥିଲେ। ଏକ କାରରେ ସେମାନେ ଆସି ସଂସ୍ଥାର ମାଲିକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ କାର୍ଯ୍ୟାଳୟ ଭିତରେ ଥିବା ଏକ କମ୍ପ୍ୟୁଟର ଓ ୭୪ହଜାର ଟଙ୍କା ଲୁଟି ନେଇଥିଲେ। ଦାମୋଦର ଏନେଇ ମାଲିକ କିରଣ ପଣ୍ଡାଙ୍କୁ ଜଣାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

### ରନ୍ଧନ ଗ୍ୟାସ ଠକେଇ ଘଟଣା
### ଏଜେନ୍ସି ଲାଇସେନ୍ସ ବାତିଲ ପାଇଁ ଚିଠି ହେବ: ଏସ୍ପି

ବ୍ରହ୍ମପୁର,୧୮।୬(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜଳେଶ୍ୱରଖଣ୍ଡିରେ ଥିବା ଏକ ଗୋଦାମରୁ ପୋଲିସ ୬୬ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଥିଲା। ଯାଞ୍ଚ ବେଳେ ବ୍ରହ୍ମପୁର ଇଣ୍ଡେନ ଗ୍ୟାସ୍ ଏଜେନ୍ସିର ଡ଼ିପୋରୁ ସିଲିଣ୍ଡର ଅଣାଯାଇ ସେଥିରୁ ୨କେଜି ଗ୍ୟାସ କାଢ଼ି ଅନ୍ୟ ଏକ ଖାଲି ସିଲିଣ୍ଡରରେ ଭର୍ତ୍ତି କରାଯାଉଥିଲା। ପରେ ଉକ୍ତ ଗ୍ୟାସ ସିଲିଣ୍ଡରକୁ ସିଲ କରି ଗ୍ରାହକଙ୍କୁ ଡେଲିଭର କରାଯାଉଥିଲା। ପୋଲିସ ଉକ୍ତ ରାକେଟର ପର୍ଦ୍ଦାଫାସ କରିଥିଲା। ଉକ୍ତ ଗ୍ୟାସ ଏଜେନ୍ସିର ଲାଇସେନ୍ସ ବାତିଲ କରିବା ପାଇଁ ପେସୋ (ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭସ ସେଫ୍ଟି ଅର୍ଗାନାଇଜେଶନ)କୁ ଚିଠି ଲେଖାଯିବ ବୋଲି ଏସ୍ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଜୁଲାଇ ୨୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁରରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ବାପା-ପୁଅଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଗ୍ୟାସ ଏଜେନ୍ସି ଓ ଡେଲିଭର ବୟର ତ୍ରୁଟି ଯୋଗୁ ଏଭଳି ବଡ଼ ଧରଣର ବିସ୍ଫୋରଣ ଘଟିଥିଲା। ଏଥିରେ ଦେବରାଜ ନାୟକ ଓ ତାଙ୍କ ସାନ ପୁଅ ଅଶୋକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଗୋପାଳପୁର ପୋଲିସ ନିଜ ପକ୍ଷରୁ ଏତଲା ଦାୟର କରି ଘଟଣାର ତଦନ୍ତ କରିଥିଲା। ମୃତ ଦେବରାଜଙ୍କ ବଡ ପୁଅ ଦୈତାରି ନାୟକ ବ୍ରହ୍ମପୁର ଇଣ୍ଡେନ ଗ୍ୟାସ ସଂସ୍ଥାରେ ଡେଲିଭର ବୟ ଭାବେ କାମ କରୁଥିଲେ। ସେ ଗୋଦାମରୁ ଗ୍ୟାସ ଆଣି ତାଙ୍କ ଘରେ ମହଜୁଦ ରଖୁଥିଲେ। ସେଠାରେ ଗ୍ୟାସ ଲିକ ହୋଇ ବିସ୍ଫୋରଣ ଘଟିଥିଲା ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ପୋଲିସ ଉକ୍ତ ଏଜେନ୍ସିର ମାଲିକ ଓ ଦୈତାରି ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କୁ ଜାମିନ ମିଳିଥିଲା। ଏବେ ପୁଣିଥରେ ଉକ୍ତ ଏଜେନ୍ସିରୁ କେତେଜଣ ଡେଲିଭର ବୟ ଓ ମ୍ୟାନେଜର ଡ଼ିପୋରୁ ଗ୍ରାହକଙ୍କ ପାଇଁ ଗ୍ୟାସ ଆଣି ବେଆଇନ କାର୍ଯ୍ୟ କରୁଥିଲେ। ବ୍ରହ୍ମପୁର ପୋଲିସ ଏହାର ଖୁଲାସା କରିବା ସହ ୨ଜଣଙ୍କୁ ଗିରଫ କରିଛି।

# ଶୁଭେଚ୍ଛା ଜଣାଇଲେ ଉପରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ

### ଗଞ୍ଜାମ ଜିଲାକୁ ଜାତୀୟ ଜଳ ପୁରସ୍କାର

ଛତ୍ରପୁର,୧୮।୬(ସନ୍ତୋଷ ପାଢ଼ୀ)

ଜଳ ପରିଚାଳନା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗଞ୍ଜାମ ଦେଶର ଶ୍ରେଷ୍ଠ ଜିଲା ଭାବେ ଶନିବାର ସମ୍ମାନିତ ହୋଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଲ୍ଲୀ ବିଜ୍ଞାନ ଭବନଠାରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ଠାରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗ୍ରହଣ କରିଥିଲେ। ଉପରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବଦା ଗଞ୍ଜାମ ଜିଲା ପ୍ରଶାସନକୁ ପରାମର୍ଶ ଦେଉଥିବାରୁ ଗଞ୍ଜାମ ଜିଲା ଏହି ସଫଳତା ପାଇଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମଧ୍ୟ ଟୁଇଟ୍ କରି ଜଣାଇଛନ୍ତି। ସେହିପରି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଗଞ୍ଜାମ ଜିଲା ପ୍ରଶାସନକୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଗଞ୍ଜାମ ଜିଲା ଜଳସେଚନ ସୁଦୃଢ଼, ମୃତ୍ତିକା ସଂରକ୍ଷଣ, ୱାଟରସେଡ୍ ପରିଚାଳନା, ନଦୀ ପାର୍ଶ୍ୱ ବନୀକରଣ, ୧୭୦ କି.ମି. ଚାରା ରୋପଣ, ପ୍ରଧାନମନ୍ତ୍ରୀ କୃଷି ବିକାଶ ଯୋଜନାରେ ୨୫୦୦ ପୋଖରୀ ଖନନ, ପାନୀୟଜଳ ଯୋଗାଣ, ଜଳ ସଂରକ୍ଷଣ, ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟର ସଫଳତା ପାଇଁ ଏହି ପୁରସ୍କାର ଗଞ୍ଜାମ ଜିଲା ପାଇଛି ।


CMO Odisha @CMO_Odisha · 21h
ଜଳ ପରିଚାଳନା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗଞ୍ଜାମ ଦେଶର ଶ୍ରେଷ୍ଠ ଜିଲ୍ଲା ଭାବେ ସମ୍ମାନିତ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର @VPIndia ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। #OdishaLeads

ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍।

# ୱାରେଣ୍ଟ ବଳରେ ଯୁବକ ଗିରଫ

ବ୍ରହ୍ମପୁର,୧୮।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣିନୁଆଗାଁ ଥାନା ପୋଲିସ ୱାରେଣ୍ଟ ବଳରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଦ୍ୱିତୀୟ ଲାଇନର ରିତେଶ ପଟ୍ଟନାୟକ। ଜିଆର ୨୪୯୮/୨୨ ଅନୁସାରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗୁଡସେଡ଼ ରୋଡରେ ଜିଓ ମାର୍ଟ କମ୍ପାନୀ ରହିଛି। ସେଠାରେ ରିତେଶ ଡେଲିଭର ବୟ ଭାବେ କାମ କରୁଥିଲେ। ଗତ ଡିସେମ୍ବର ୪ ତାରିଖରେ ସେ ଏକ ଟାଟା ଏସଇରେ କମ୍ପାନୀରୁ କେତେକ ସାମଗ୍ରୀ ନେଇ ଗ୍ରାହକଙ୍କୁ ଦେଇଥିଲେ। ଉକ୍ତ ସାମଗ୍ରୀ ବାବଦକୁ ୭୦ହଜାର ଟଙ୍କା ଗ୍ରାହକଙ୍କ ଠାରୁ ଆଣି କମ୍ପାନୀରେ ପୈଠ କରି ନ ଥିଲେ। କମ୍ପାନୀ ମ୍ୟାନେଜର ରାଜେଶ କୁମାର ସାହୁ ଗୋଷାଣିନୁଆଗାଁ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୋଲିସ ୨୩୫/୨୨ରେ ମାମଲା ରୁଜୁ କରି ରିତେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ରିତେଶ କୋର୍ଟରେ ୨୦ହଜାର ଟଙ୍କା ଜମା କରିବା ସହ ବଳକା ଟଙ୍କା ପୈଠ ପାଇଁ ପ୍ରତିଶୃତି ଦେଇ ସର୍ତ୍ତମୂଳକ ଜାମିନ ପାଇଥିଲେ। ତେବେ ନିର୍ଦ୍ଧାରିତ ସମୟରେ କୋର୍ଟରେ ବଳକା ଟଙ୍କା ଜମା କରି ନ ଥିବାରୁ ରିତେଶଙ୍କୁ ଗିରଫ ପାଇଁ ଏନବିଡବ୍ଲ୍ୟୁ ଜାରି କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ଜ୍ୟୋତି


@ ଦୀନେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂର୍ବତନ କୁଳପତି ବିଜୟ କୁମାର ସାହୁଙ୍କ ପରଲୋକ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୧୮।୬ (ତନୁଶ୍ରୀ ନାହାକ)


ପ୍ରଫେସର ବିଜୟ କୁମାର ସାହୁ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଜୟ କୁମାର ସାହୁଙ୍କ ଶନିବାର ରାତି ୩ଟାରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ୧୫ ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରଫେସର ସାହୁ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୦ରେ ସେ ସାମୁଦ୍ରିକ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳରେ ନିଯୁକ୍ତି ପାଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ, ସିଣ୍ଡିକେଟ ସଦସ୍ୟ, ୨୦୦୮ ଓ ୨୦୦୬ରେ ହଷ୍ଟେଲ ୱାର୍ଡ଼େନ, ୨୦୦୬ରୁ ୨୦୦୭ ପର୍ଯ୍ୟନ୍ତ ପିଜି କାଉନସିଲ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଫେସର ସାହୁ ଛାତ୍ରବତ୍ସଳ ଅଧ୍ୟାପକ ସହ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଜଣେ ସୁସାଶକ ଥିଲେ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବହୁ ସହକର୍ମୀ କହିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ବଡ଼ପୁଅ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମହିଳା ଟାଣିବେ ସୁଭଦ୍ରାଙ୍କ ରଥ

### ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର


ଶେଷ ପର୍ଯ୍ୟାୟରେ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିରର ରଥ ସଜ୍ଜା କାମ।

ବ୍ରହ୍ମପୁର,୧୮।୬(ତନୁଶ୍ରୀ ନାହାକ)

ଆଉ ମାତ୍ର ଦୁଇ ଦିନ ପରେ ଅର୍ଥାତ ମଙ୍ଗଳବାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ମହାପ୍ରଭୁ ବଡ଼ ଦାଣ୍ଡରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ରେଶମ ସହରର କୋର୍ଟପେଟା, ବଡ଼ବଜାର, ଗୋଇଲୁଣ୍ଡି, ଆମ୍ବପୁଆ, ବିଜିପୁର, ଗୋଷାଣୀନୂଆଗାଁ ଠାରେ ଥିବା ସମସ୍ତ ଜଗନ୍ନାଥ ମନ୍ଦିରରେ ରଥ ଯାତ୍ରା ନିମନ୍ତେ ରଥ ପ୍ରସ୍ତୁତି କାମ ସରିଛି। ଏବେ ରଥ ସାଜସଜା କାମ ଶେଷ ପର୍ଯ୍ୟାୟରେ ପଞ୍ଚିଚିଛି। ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର ରଥଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥ ମହିଳାମାନଙ୍କ ଦ୍ୱାରା ଟଣାଯାଏ। ପୁରୀ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅନୁକରଣ କରାଯାଇ ସମସ୍ତ ନିତିକାନ୍ତି ପାଳନ କରାଯାଉଥିବା ମନ୍ଦିର ଉନ୍ନୟନ କମିଟି ସଭାପତି ପଞ୍ଚାନନ ଚୌଧୁରୀ କହିଛନ୍ତି। ପୁରୀ ରଥଯାତ୍ରାକୁ ଅନୁକରଣ କରାଯାଉଥିଲେ ସୁଦ୍ଧା ପୁରୀ ରଥର ଏକ ତୃତୀୟାଂଶ ଉଚ୍ଚତା ଓ ଦୈର୍ଘ୍ୟ ବିଶିଷ୍ଟ ରଥ ପ୍ରସ୍ତୁତ କରାଯାଏ। ଏଠି ମଧ୍ୟ ନନ୍ଦିଘୋଷ ରଥର ୧୬ ଚକ ସହ ହଳଦିଆ ଲାଲ ରଙ୍ଗର ତୋରଣ , ତାଳଧ୍ୱଜ ରଥର ୧୪ ଚକ ସହ ସବୁଜ ଓ ଲାଲ ରଙ୍ଗର ତୋରଣ ଏବଂ ଦର୍ପଦଳନ ରଥର ୧୨ ଚକ ସହ କୃଷ୍ଣକଳା ଓ ଲାଲ ରଙ୍ଗର ତୋର ଯେଉଁଥିରେ ସୁନ୍ଦର କାଚ ଓ ଦର୍ପଣ କାରୁକାର୍ଯ୍ୟ ଖଚିତ ହୋଇଛି ସେଥିରେ ସଜ୍ଜିତ କରାଯାଇଛି। ରବିବାର ସୁଦ୍ଧା ରଥଯାତ୍ରା ନିମନ୍ତେ ଏଠାରେ ରଥ ପ୍ରସ୍ତୁତିର ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ରଥରେ ଚାନ୍ଦୁଆ ଭିଡ଼ା ସରିଛି। ଚଳିତ ବର୍ଷ ମଧ୍ୟ ରଥଯାତ୍ରା ନିମନ୍ତେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା,ମେୟର ସଂଘମିତ୍ରା ଦଳାଇ, ଡ଼େପୁଟି ମେୟର ଇ.ବିବେକ ରେଡ୍ଡୀଙ୍କ ସମେତ ବ୍ରହ୍ମପୁର ଏସପି, ଆଇଜିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନର ସହାୟତା ମଧ୍ୟ ନିଆଯାଇଥିବା ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ପ୍ରକାଶ।

# ଜାମୁକୋଳି ଦର ଆକାଶଛୁଆଁ

ବ୍ରହ୍ମପୁର,୧୮।୬(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବଜାରରେ ବର୍ତ୍ତମାନ ଜାମୁକୋଳିର ଯଥେଷ୍ଟ ଚାହିଦା ରହିଛି। ଦର ମଧ୍ୟ ଆକାଶଛୁଆଁ ହୋଇଛି। ଜାମୁକୋଳି ଖାଇବା ଦ୍ୱାରା ହିମଗ୍ଲୋବିନ ବୃଦ୍ଧି ହୋଇଥାଏ, ହୃଦୟରେ ରକ୍ତ ସଂଚାଳନ ଠିକ ହୋଇଥାଏ, ମେଦବହୁଳ ରୋଗୀଙ୍କ ନିମନ୍ତେ ମଧ୍ୟ ଜାମୁକୋଳି ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ। ଜାମୁକୋଳି ଖାଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ହେବା ସହ ଚର୍ମକୁ ସତେଜ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ଜାମୁକୋଳି ସରବତ ମଧ୍ୟ ବଜାରରେ ଅଧିକା ଦରରେ ବିକ୍ରି ହେଉଛି। ସହରର ବିଜିପୁର, ଗିରିରୋଡ଼, କମାପଲ୍ଲୀ, ଖଲିକୋଟ କଲେଜ ଛକ, ବଡ଼ବଜାର ଅଞ୍ଚଳରେ ଠେଲାଗାଡ଼ିରେ ବ୍ୟବସାୟୀମାନେ ପ୍ରାୟ ସପ୍ତାହେ ହେବ ଜାମୁକୋଳି ବିକ୍ରି ଆରମ୍ଭ କରିଛନ୍ତି। ପୂର୍ବରୁ କେଜିପ୍ରତି ଦର ମାତ୍ର ୫୦ରୁ ୬୦ଟଙ୍କା ବିକ୍ରି ହେଉଥିବା ବେଳେ ଚଳିତ ବର୍ଷ ଦୁଇଗୁଣା ବୃଦ୍ଧି ପାଇଛି। ବିଜିପୁର ଅଞ୍ଚଳରେ ଠେଲା ଗାଡ଼ିରେ ବ୍ରିକି କରୁଥିବା ଜଣେ ବ୍ୟବସାୟୀ କୁହନ୍ତି ସେ ଦୈନିକ ପ୍ରାୟ ୪୦ରୁ ୫୦ କେଜି ଜାମୁ କୋଳି ବିକ୍ରି କରୁଛନ୍ତି। ପ୍ରଥମ ଦିନ ଜାମୁକୋଳିର ଦର ୨୨୦ଟଙ୍କା ରହିଥିଲା। ସହରକୁ ଅଧିକା ଆମଦାନୀ ହେବାରୁ ବର୍ତ୍ତମାନ ଦର ହ୍ରାସ ପାଇ ୧୨୦ରେ ପହଞ୍ଚିଛି। ବ୍ରହ୍ମପୁର ବଜାରକୁ ଏହି କୋଳି ପଶ୍ଚିମ ଓଡ଼ିଶାର ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା ଏବଂ ଆନ୍ଧ୍ରର ବିଜୟୱାଡ଼ା ଅଞ୍ଚଳରୁ ଆସୁଛି।



ବିଜିପୁର ବଜାରରେ ଜାମୁକୋଳି ବିକ୍ରି କରୁଛନ୍ତି ଜଣେ ବ୍ୟବସାୟୀ।

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)

ପ୍ରିୟ ଗ୍ରାହକ ବନ୍ଧୁ,
ଆମେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ସମ୍ମୁଖୀନ ହେଉଛୁ ଯାହା ଫଳରେ ସ୍ୱାଭାବିକ ତାପମାତ୍ରା ତୁଳନାରେ ବର୍ତ୍ତମାନର ତାପମାତ୍ରା ବୃଦ୍ଧି ପାଇଛି । କେନ୍ଦ୍ରୀୟ ଓଡିଶା ର ବିଦ୍ୟୁତ ଶକ୍ତି ଚାହିଦା ୨୦୨୫ ମେଗାୱାଟ୍ ରୁ ଅଧିକ ହେଉଛି ।
ଏହି ପରିସ୍ଥିତିରେ ଆମେ ଗ୍ରାହକମାନଙ୍କୁ ଅନୁରୋଧ କରୁଛୁ କି ସେମାନେ ଦାୟିତ୍ୱବାନ ହୋଇ ଆବଶ୍ୟକତା ଏବଂ ଅନୁମତି ପ୍ରାପ୍ତ ଲୋଡ୍ ଲେବୁଲ୍ ଅନୁଯାୟୀ ବିଦ୍ୟୁତ ଶକ୍ତି ବ୍ୟବହାର କରନ୍ତୁ । ଏହାଦ୍ୱାରା ଅଧିକ ବିଦ୍ୟୁତ୍ ଶକ୍ତି (ଓଭରଲୋଡ୍) ବ୍ୟବହାର ଜନିତ ଅସୁବିଧାକୁ ଦୂର କରାଯାଇ ପାରିବ ଏବଂ ବିଦ୍ୟୁତ ଯୋଗାଣ ନେଟ୍‌ୱାର୍କକୁ ଦୃଢ ଏବଂ ସ୍ଥିର କରିବା ସହ ନିୟମିତ ଭାବେ ସମସ୍ତଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇ ଦିଆଯାଇ ପାରିବ ।
ବିନମ୍ରତାର ସହିତ ଅନୁରୋଧ କରୁଛୁ ଯେ, ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ମିଳିଲେ ଆମେ ଉତ୍ତମ ମାନର ସେବା ଯୋଗାଇ ଦେବାକୁ ସକ୍ଷମ ହୋଇପାରିବୁ ।

## ସାପ କାମୁଡ଼ାରେ ଯୁବକ ଗୁରୁତର

ଟିକିଟି,୧୮।୬(ପ୍ରକାଶ ଚନ୍ଦ୍ର ସାହୁ): କେ.ନୂଆଗାଁ ଥାନା ଅନ୍ତର୍ଗତ ସତ୍ୟ ନଗର ନିକଟସ୍ଥ ପଡିଆରେ ରବିବାର କ୍ରିକେଟ ଖେଳୁଥିବା ବେଳେ ଏକ ବୋଡା ସାପ କାମୁଡ଼ିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କାରବାଲୁଆ ନୂଆ ସାହିର ସୀମାଞ୍ଚଳ ବେହେରା (୨୩)। ସବୁଦିନ ଭଳି ସୀମାଞ୍ଚଳ କ୍ରିକେଟ ଖେଳୁଥିବା ବେଳେ ଦୌଡିବା ସମୟରେ ଶୋଇ ରହିଥିବା ସାପ ଉପରେ ତାଙ୍କର ଗୋଡ଼ ପଡ଼ିଯିବାରୁ ସାପ କାମୁଡ଼ିଥିଲା।



## ସଂକ୍ଷେପରେ

### ବିଶ୍ୱ ପିତୃ ଦିବସରେ ବାଲୁକା କଳା ପ୍ରଦର୍ଶନ




ଗଞ୍ଜାମ,୧୮।୬(ବିଦ୍ୟାଧର ସାହୁ ): ବିଶ୍ୱ ପିତୃ ଦିବସ ଅବସରରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ଶୈବପୀଠ ନିକଟସ୍ଥ ଋଷିକୁଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ବାଲୁକା କଳା ପ୍ରଦର୍ଶନ କରାଯାଇଛି। କଣ୍ଟିଆଗଡ଼ ଗ୍ରାମର ଯୁବ ବାଲୁକା ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ସୁନ୍ଦର କଳାକୃତି ମାଧମରେ ଶୁଭେଚ୍ଛା ଜଣାଇଛନ୍ତି। ସନ୍ତାନକୁ ବାପା ସ୍ନେହ ବନ୍ଧନରେ ବାନ୍ଧି ରଖିବାର ଚିତ୍ର ପ୍ରଦର୍ଶିତ କରାଯାଇଥିବା ବେଳେ ପିତାଙ୍କ ବୃଦ୍ଧ ବୟସରେ ମଧ ସନ୍ତାନ ନିଜ ବାପାଙ୍କ ସମସ୍ତ ଦାୟିତ୍ୱ ନିଭାଇବାକୁ ସମାଜକୁ ସଚେତନତା ବାର୍ତ୍ତା ଦିଆଯାଇଛି।

### ନାବାଳିକାଙ୍କ ଆତ୍ମହତ୍ୟା

ଜି.ଉଦୟଗିରି,୧୮।୬(ସଞ୍ଜିବ ପାତ୍ର): ଜି.ଉଦୟଗିରି ଥାନା ଅନ୍ତର୍ଗତ ଶଙ୍ଖ ସାହିରେ ରବିବାର ଫ୍ୟାନ୍‌ରେ ଝୁଲି ଜଣେ ନାବାଳିକା(୧୫)ଆତ୍ମହତ୍ୟା କରଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୧୨/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ଜଳୁଛି ଶ୍ରୀକୋଲା ଜଙ୍ଗଲ

ଜି.ଉଦୟଗିରି,୧୮।୬(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ନିକଟସ୍ଥ ଶ୍ରୀକଲା ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ସକାଳୁ ରାତ୍ର ଯାଏ ବଢି ଚାଲିଛି। ଫଳରେ ଅନେକ ମୂଲ୍ୟବାନ ଗଛ ପୋଡି ଯାଉଛି। ବନ୍ୟ ପ୍ରାଣୀମାନେ ଭୟଭୀତ ହୋଇ ରାସ୍ତା ଉପରକୁ ଉଠି ଆସୁଛନ୍ତି। କେତେକ ପ୍ରତ୍ୟକ୍ଷଦର୍ଶୀ ରାସ୍ତା ଉପରକୁ ମାଙ୍କଡ, ସାପ, ବଣ ବିଲେଇ, ବ୍ରଜ କାପ୍ତା ପରି ବନ୍ୟପ୍ରାଣୀମାନେ ଆସିଯାଇଥିବା କହୁଛନ୍ତି। ଏହି ସବୁ ବନ୍ୟଜନ୍ତୁମାନେ ବିପଦରେ ରହିଛନ୍ତି ବୋଲି ସେମାନେ କହିଛନ୍ତି। ପ୍ରବଳ ଗରମ ଗୁଳୁଗୁଳି ସାଙ୍ଗକୁ ବଣ ପୋଡି ଯୋଗୁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇଯାଉଛନ୍ତି।

### ବୋମା ଖାଇ ଗାଈ ଗୁରୁତର
#### ବାର୍‌ହା ଶିକାର ପାଇଁ ରଖାଯାଇଥିଲା

କୁକୁଡ଼ାଖଣ୍ଡି,୧୮।୬(ପ୍ରତାପ କୁମାର ସାହୁ): ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଗାଁରେ ରବିବାର ବାର୍‌ହା ଶିକାର ପାଇଁ ରଖାଯାଇଥିବା ବୋମା ଫୁଟି ଗୋଟିଏ ଗାଈ ଗୁରୁତର ହୋଇଛି। ଆମ୍ବଗଡ଼ ଗ୍ରାମରେ ଫସଲକୁ ବାର୍‌ହାରୁ ବଞ୍ଚାଇବା ପାଇଁ ଚାଷୀମାନେ ଛୋଟ ଜରିରେ ବୋମା ବାନ୍ଧି ବିଲରେ ରଖିଥିଲେ। ପୂର୍ବାହ୍ନରେ ବିଲରେ ଚରୁଥିବା ବେଳେ ଏହି ବୋମାକୁ ଗାଈ ଖାଇଦେଇଥିଲା। ଫଳରେ ପାଟିରେ ବୋମା ଫୁଟିଯିବାରୁ ଗାଈ ଗୁରୁତର ହୋଇଥିଲା। ଖବର ପାଇ ପ୍ରାଣୀ ଚିକିତ୍ସକ ପହଞ୍ଚି ଗାଈର ଚିକିତ୍ସା କରୁଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ଭାଜପାର ନିର୍ବାଚନ ମଣ୍ଡଳସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ବୈଠକ

ରାଇକିଆ ୧୮।୬(ପ୍ରଦିପ ବେହେରା): କନ୍ଧମାଳ ଜିଲା ରାଇକିଆ ଆର୍‌ଏମ୍‌ସିଠାରେ ରବିବାର ରାଇକିଆ ବ୍ଲକ ଭାଜପା ତରଫରୁ ନିର୍ବାଚନ ମଣ୍ଡଳ ସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବାବୁ ଭାଇ ଦେବୋଲିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଶାସନର ନଅ ବର୍ଷ ପୂର୍ତ୍ତି ଅବସରରେ ଏହାର ସଫଳତା ସମ୍ପର୍କରେ ଗ୍ରାମାଞ୍ଚଳରେ ଯେପରି ପହଞ୍ଚି ପାରିବ ଏବଂ ତୃଣମୂଳ ସ୍ତରରୁ କୃଷକ ମାନଙ୍କ ସାଧାରଣ ସମସ୍ୟା ବୁଝିବା, ସୁସମ୍ପର୍କ ସ୍ଥାପନ ନେଇ ପରାମର୍ଶ ଦିଆଯାଇଥିଲା। କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ମଙ୍ଗରାଜ, କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ, ଜିଲା ଭାଜପା ସଭାପତି ଜଗନ୍ନାଥ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଲିଙ୍ଗରାଜ ଦଳ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରାଇକିଆ ମଣ୍ଡଳ ସଭାପତି ନାରାୟଣ ପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ସନ୍ତୋଷ ଲେଙ୍କା, ମଣ୍ଡଳ ସାଧାରଣ ସମ୍ପାଦକ ସନକ ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କର ମନ କି ବାତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

# ବିପର୍ଯ୍ୟୟ ପରିଚାଳନା ଲାଗି ଜିଲାସ୍ତରୀୟ ପ୍ରସ୍ତୁତି

ଛତ୍ରପୁର,୧୮।୬(ସନ୍ତୋଷ ପାଢୀ)

ସମ୍ଭାବ୍ୟ ବାତ୍ୟା ଓ ବନ୍ୟାକୁ ଦୃଷ୍ଟିରେ ରଖି ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସମ୍ମିଳନୀ କକ୍ଷରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟ ରଞ୍ଜନ ପୃଷ୍ଟି ଅଧକ୍ଷତା କରିଥିଲେ। ଟେବୁଲ ଟପ୍ ଏକ୍ସରସାଇଜର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଅବଗତ କରାଇଥିଲେ। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ଠିକ୍ ମୁକାବିଲା ପାଇଁ ସଜାଗ ଓ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ବିପର୍ଯ୍ୟୟ ପରିଚାଳନା ପାଇଁ ନିଜ ନିଜ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ବିଷୟବସ୍ତୁ ଉପସ୍ଥାପନା କରିଥିଲେ। ୧୯ ତାରିଖରେ



ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

ଜିଲାର ସମସ୍ତ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ୍ ଏକ୍ସରସାଇଜକୁ ଠିକ୍ ଭାବେ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରାଜ୍ୟ ପ୍ରକଳ୍ପ ଅଧିକାରୀ ତରଫରୁ ସୁତନୁ ଠାକୁର ଯୋଗଦେଇଥିଲେ। ଜିଲା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ର, ଜିଲା ଜରୁରୀ କାଳୀନ କକ୍ଷର ଜିଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ମକଡ୍ରିଲ୍

ମକଡ୍ରିଲ୍‌ରେ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଦସ୍ୟ, ଗାଁ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟିର ଟାସ୍କଫୋର୍ସ ସ୍ୱେଚ୍ଛାସେବୀ, ପଞ୍ଚାୟତିରାଜ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟା, ନୋଡାଲ ଏନଜିଓ ପ୍ରତିନିଧି ଓ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ସାମିଲ ରହିବେ। ଏଥିସହ ଉକ୍ତ ମକ୍‌ଡ୍ରିଲ୍ ବେଳେ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ସେବା ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଉଦ୍ଧାର କୌଶଳ ପ୍ରଦର୍ଶନ କରାଯିବ। ପ୍ରତି ବର୍ଷ ଜୁନ୍ ୧୯ ରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ବନ୍ଧୀୟ ମକ୍‌ଡ୍ରିଲ୍ ହୋଇଆସୁଛି।

# ବାତ୍ୟା ମୁକାବିଲା ନେଇ ଟେବୁଲ ଟପ୍ ଏକ୍ସରସାଇଜ

ପାରଳାଖେମୁଣ୍ଡି/ଗୋଷାଣୀ,୧୮।୬ (ଗିରିଧାରୀ ପରିଚ୍ଛା/ପ୍ରଶାନ୍ତ ରାଉତ)

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ଉପନିର୍ଦ୍ଦେଶକ ରବିନାରାୟଣ ବାରିକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପ ଜିଲାପାଳ ଆଲୋକ କୁମାର ପ୍ରଧାନ, ଜିଲା ଜରୁରିକାଳୀନ ଅଧିକାରୀ ପ୍ରଭାସ କୁମାର ବେହୁରା ଉପସ୍ଥିତ ଥିଲେ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଧନ ଜୀବନ କିପରି ରକ୍ଷା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଗୋଟିଏ ଟିମ ହୋଇ କାର୍ଯ୍ୟକରିବା ସହିତ ପ୍ରଭାବିତ ଜନସାଧାରଣଙ୍କୁ ଖାଦ୍ୟ, ଔଷଧ, ପାନୀୟ ଜଳ, ଚୁଡ଼ା, ଗୁଡ଼ ମହଜୁଦ ରଖିବା ସହିତ ଦୁର୍ବଳ ସ୍ଥିତିରେ ଥିବା ନଦୀ ଓ କେନାଲ ବନ୍ଧ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ପାନୀୟ ଜଳ ପରିମଳ ବିଭାଗ, କୃଷି, ଯୋଗାଣ ବିଭାଗ ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ଏକ କାଳ୍ପନିକ ବାତ୍ୟାକୁ ନେଇ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧମରେ କିପରି ଏହାର ମୁକାବିଲା କରିବେ ସେ ଦିଗରେ ଏକ ଟେବୁଲ ଟପ ଏକ୍ସରସାଇଜ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଦୋଷ କୁମାର ଶତପଥି ପରିଚାଳନା କରିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

ସେହିପରି ଗୋଷାଣି ବ୍ଲକସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ କରାଯାଇଥିଲା। ବ୍ଲକ ଅଧକ୍ଷ ଏନ.ବୀରରାଜୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ନୀଳମାଧବ ମାଝୀ, ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରା, ଜିଲାପରିଷଦ ସଭ୍ୟା ନୀଳାବତୀ ପାରିଗା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ସମସ୍ତ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ସଜାଗ ରହିବାକୁ ଅତିରିକ୍ତ ଜିଲାପାଳ ମିଞ୍ଜ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିପିଇଓ ବିନୋଦ ଗୌଡ ପରିଚାଳନା କରିଥିଲେ।

# ସିଆଳିଆରେ ବିଜେଡି କର୍ମୀ ସମ୍ମିଳନୀ




କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

କବିସୂର୍ଯ୍ୟନଗର,୧୮।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ସିଆଳିଆଠାରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ସୁରଥ ପ୍ରଧାନଙ୍କ ଅଧକ୍ଷତାରେ ଆସିକା ଏମପି ପ୍ରମିଳା ବିଷୋୟୀ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଜିଲା ଜୋନ ଯୁବ ବିଜେଡି ସଭାପତିନିକେତା ସ୍ୱାଇଁ, ମହିଳା ସଭାନେତ୍ରୀ ପ୍ରଭାତୀ ପ୍ରଧାନ, ଆସିକା ସମବାୟ ବ୍ୟାଙ୍କ ସଭାପତି ମଞ୍ଜୁଳଧର ସାହୁ ଓ ଜିଲା ପରିଷଦ ବଳରାମ ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ଅଶ୍ୱିନୀ ସ୍ୱାଇଁ, ଗୁଲୁନା ବିଷୋୟୀ, ଗଙ୍ଗାଧର ସ୍ୱାଇଁଙ୍କ ସମେତ ସମସ୍ତ ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।

# ରାଜମିସ୍ତ୍ରିଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

କବିସୂର୍ଯ୍ୟନଗର,୧୮।୬ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସହରର କନକପାଟଣା ସାହିର ଏକ ଭଡ଼ାଘରୁ ରବିବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣଙ୍କର ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ପାଟପୁର ଥାନା ଟି. ଗୋବିନ୍ଦପୁର ପଞ୍ଚାୟତ ଜାନକୀପଲ୍ଲୀର ଯୁଧିଷ୍ଠିର ବେହେରା। ଯୁଧିଷ୍ଠିର ବେହେରା ଜଣେ ରାଜମିସ୍ତ୍ରି। ଦୁଇବର୍ଷ ହେଲା ତାଙ୍କ ସ୍ତ୍ରୀ କାମାକ୍ଷୀ ବେହେରା ଓ ଦୁଇ ପୁଅ ସହ କବିସୂର୍ଯ୍ୟନଗର କନକ ପାଟଣା ସାହିରେ ସେ ରହୁଥିଲେ। ଶନିବାର ଯୁଧିଷ୍ଠିରଙ୍କ ପେଟରେ ଖୁବ ଯନ୍ତ୍ରଣା ହେବାରୁ ସେ ଖଟରୁ ପଡିଯାଇ ରକ୍ତସ୍ରାବରୁ ମୃତ୍ୟୁହୋଇଥିବା ପୋଲିସ ଆଗରେ ସ୍ତ୍ରୀ କହିଛନ୍ତି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଚଳାଇଥିବା ବେଳେ ସନ୍ଧାନୀ କୁକୁର ଓ ବିଶେଷଜ୍ଞ ଟିମ୍‌ର ସହାୟତା ନିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଆଇଆଇସି ପ୍ରଭାତ ସାହୁ କହିଛନ୍ତି।

# ଲୁଟ୍ ଟଙ୍କା ଫେରିପାଇଲେ ଅବସରପ୍ରାପ୍ତ ଶିକ୍ଷକ



ଟଙ୍କା ଫେରସ୍ତ କରୁଛି ପୋଲିସ।

ବେଲଗୁଣ୍ଠା,୧୮।୬ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ନିଗମାନଗରସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ଚନ୍ଦ୍ର ବେହେରା ଗତ ମଇ ୨୩ ତାରିଖ ସକାଳେ ବେଲଗୁଣ୍ଠା ବଡଦାଣ୍ଡରେ ଥିବା ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ଜଣେ ଅଚିହ୍ନା ବ୍ୟକ୍ତି ତାଙ୍କ ଏଟିଏମ୍ କାର୍ଡରେ ସମସ୍ୟା ରହିଥିବା କହି କାର୍ଡଟି ମାଗିଥିଲେ। ପ୍ରମୋଦ କାର୍ଡ୍ ଦେବା ପରେ ବ୍ୟକ୍ତିଜଣଙ୍କ ଉକ୍ତ କାର୍ଡକୁ ବଦଳାଇ ଦେଇଥିଲା। ପ୍ରମୋଦ ଘରକୁ ଫେରିବାର କିଛି ସମୟ ପରେ ତାଙ୍କ ଖାତାରୁ ଟଙ୍କା ଉଠାଣ କରାଯାଇଥିବା ମେସେଜ୍ ଆସିଥିଲା। ବାଲିପଦର ଏଟିଏମ୍‌ରୁ ୮ ହଜାର ଲେଖାଏଁ ପାଞ୍ଚ ଥର ଟଙ୍କା ଉଠା ଯାଇଥିବା ବେଳେ ହିଞ୍ଜିଳିର ଏକ ଜନ ସେବା କେନ୍ଦ୍ରରେ ଟଙ୍କା ଟ୍ରାନ୍ସଫର୍ କରାଯାଇଥିବା ନେଇ ମେସେଜ୍ ଆସିଥିଲା। ସାତୋଟି କିସ୍ତିରେ ୬୧,୫୦୦ ଟଙ୍କା ହଡ଼ପ କରାଯାଇଥିଲା। ପ୍ରମୋଦ ଭଞ୍ଜନଗର ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକଙ୍କୁ ଜଣାଇବା ସହ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରକାଶ ସାହୁ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଲୁଟେରା ଜଣଙ୍କ ବାହାର ଅଞ୍ଚଳର ହୋଇଥିବା ଜାଣିବାକୁ ପାଇଥିଲେ। ବେଲଗୁଣ୍ଠା ଥାନା ଅଧିକାରୀ ସାହୁ ରମ୍ଭା ଥାନା ଅଧିକାରୀ ପି ସ୍ୱରୂପ କିସାନ୍‌ଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ତାଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢାଉ କରି ଚମାଖଣ୍ଡି ଥାନା ଅନ୍ତର୍ଗତ ସୀତାରାମ ପୁରର ଟି ହରିହର ରେଡ୍ଡୀ (୫୫) ଏବଂ ଲକ୍ଷ୍ମୀପୁରର ଟି ରଘୁନାଥ ରେଡ୍ଡୀଙ୍କ ସମ୍ପର୍କରେ ତଦନ୍ତ କଲାପରେ ସେମାନେ ପ୍ରମୋଦଙ୍କ ଟଙ୍କାକୁ ଉଠାଇ ଆଣି ନିଜ ନିଜ ଭିତରେ ବାଣ୍ଟି ଦେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଉଭୟଙ୍କୁ କାବୁ କରାଯାଇଥିଲା। ଉଭୟଙ୍କ ଠାରୁ ପୋଲିସ ଉକ୍ତ ଟଙ୍କା ଜବତ କରି ପ୍ରମୋଦଙ୍କୁ ହସ୍ତାନ୍ତର କରିଥିଲା।

# ପାୱାରପଏଣ୍ଟରେ ବିପର୍ଯ୍ୟୟ ପରିଚାଳନା ଉପସ୍ଥାପିତ

ଫୁଲବାଣୀ, ୧୮।୬(ରାକେଶ ରାଉତ)

ଜିଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଏଥିରେ ଅଧକ୍ଷତା କରି ଯେ କୌଣସି ବିପର୍ଯ୍ୟୟରୁ ମଣିଷ ଅବା ପ୍ରାଣୀ ସମ୍ପଦ ହେଉ ସମସ୍ତଙ୍କୁ ରକ୍ଷା କରିବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। ଆମ ଜିଲାରେ ବହୁମୁଖୀ କେନ୍ଦ୍ର ଖୋଲାଯାଇ ନାହିଁ। ତଥାପି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ସମସ୍ତଙ୍କୁ ନିରାପଦରେ ରଖିବା ପାଇଁ କେତେଗୁଡ଼ିଏ ଆଶ୍ରୟସ୍ଥଳୀ ସ୍ଥିର କରାଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା ପାଇଁ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ସଜାଗ ରହିବା ଆବଶ୍ୟକ। ପ୍ରତ୍ୟେକ ବିଭାଗ ଅଧିକାରୀମାନଙ୍କ ଅନ୍ୟ ବିଭାଗର କାର୍ଯ୍ୟ ସମ୍ପର୍କରେ ଜ୍ଞାନ ବା ଧାରଣା ଥିବା ଆବଶ୍ୟକ। କାରଣ ସେତେବେଳେ କମ୍ ସମୟରେ କମ୍ ଲୋକରେ ଅଧିକ କାମ କରିବାକୁ ପଡ଼ିଥାଏ ବୋଲି କହିଥିଲେ।

ଜିଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ସରୋଜ କୁମାର ଦାଶ ପାୱାର ପଏଣ୍ଟ ମାଧମରେ ବିପର୍ଯ୍ୟୟ ପରିଚାଳନାରେ ବିଭାଗୀୟ ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଓଏସ୍‌ଡିଏମ୍‌ଏ ରାଜ୍ୟ ପର୍ଯ୍ୟବେକ୍ଷକ ଅରବିନ୍ଦ ଆଚାର୍ଯ୍ୟ ଜିଲାର ବିଭିନ୍ନ ବିଭାଗ ଦ୍ୱାରା ବିପର୍ଯ୍ୟୟକୁ ରୋକିବା ପାଇଁ ଏବଂ ବିପର୍ଯ୍ୟୟ ପରେ ନେବାକୁ ଥିବା ପଦକ୍ଷେପ ଉପରେ ପରାମର୍ଶ ଦେଇଥିଲେ।

ଜିଲା ଆପତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ବିପର୍ଯ୍ୟୟର ପୂର୍ବ ସୂଚନା ପ୍ରଦାନ ସହିତ ଏହାର ସୁପରିଚାଳନା ପାଇଁ ଦିବା ରାତ୍ର କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି ବୋଲି କହିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ସେହିଭଳି ପଶୁସମ୍ପଦ, ଯୋଗାଣ, ଅଗ୍ନିଶମ, କୃଷି, ଉଦ୍ୟାନ କୃଷି, ସମାଜ ମଙ୍ଗଳ, ଶକ୍ତି, ଜଳ ଓ ପରିମଳ, ଶିକ୍ଷା, ବିଏସ୍‌ଏନ୍‌ଏଲ୍, ସାମାଜିକ ସୁରକ୍ଷା, ସାମାଜିକ ଅନୁଷ୍ଠାନ, ନିପୀଡିତ ଓ ସ୍ୱାତୀର ଅଧିକାରୀମାନେ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ କ'ଣ ପଦକ୍ଷେପ ନେବାକୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି, ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠିତ ବୈଠକରେ କନ୍ଧମାଳ ଉପଜିଲାପାଳ ଶେଷଦେବ ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲଳିତ କୁମାର ପଟ୍ଟନାୟଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ଥର ଫେଶନ ଶୋ'

ଭଞ୍ଜନଗର, ୧୮।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଜେଲ ପଡ଼ିଆରେ ରବିବାର ରାତିରେ ପ୍ରଥମଥର ପାଇଁ ଷ୍ଟାର ଆୱାର୍ଡ ନାଇଟ ଏବଂ ଫେସନ ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି କୁନି ଶିଶୁମାନଙ୍କ ଠାରୁ ଆରମ୍ଭ କରି ବଡ଼ ବଡ଼ ମଡେଲମାନେ ଭାଗ ନେଇଥିଲେ। ପ୍ରଥମଥର ପାଇଁ ସହରରେ ଏଭଳି କାର୍ଯ୍ୟକ୍ରମ ହେଉଥିବା ଯୋଗୁଁ ଭିଡ ଜମିଥିଲା। ଅତିଥି ଭାବେ ଓଡିଆ ଚଳଚ୍ଚିତ୍ର ଅଭିନେତା ସୁଭାଶିଷ ଶର୍ମା, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ପ୍ରିନ୍ସ ଡାନ୍ସ ଗ୍ରୁପର ଟି. କ୍ରିଷ୍ଣା ମୋହନ ରେଡ୍ଡୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭଞ୍ଜନଗର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, କଂଗ୍ରେସ ନେତା ପ୍ରଶାନ୍ତ ବିଶୋଇ ଯୋଗ ଦେଇଥିଲେ। ଆୟୋଜକ କର୍ମକର୍ତ୍ତା ଟ୍ୱିଙ୍କଲ ଗମାଙ୍ଗୋ, ସ୍ମୃତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅମିତ ବେହେରା, ସୌର୍ଯ୍ୟ ସ୍ୱାଗତିକା, ଅଜିତ କୁମାର ପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡିଜାଇନର ସାଇ ଶିକ୍ଷା ମିଶ୍ର ପ୍ରତିଯୋଗୀମାନଙ୍କୁ ଡିଜାଇନ କରିଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।




ଫେଶନ ଶୋ'ରେ ଯୋଗଦେଇଥିବା ଅତିଥି ଓ କଳାକାର।

# ସ୍ୱାମୀଙ୍କୁ ହତ୍ୟା ଅଭିଯୋଗ

**ଜି.ଉଦୟଗିରିରୁ ସ୍ତ୍ରୀ, ଝିଅଙ୍କୁ ଉଠାଇନେଲା ଗୁଜରାଟ ପୋଲିସ**

ଜି.ଉଦୟଗିରି,୧୮।୬ (ଶିଶିର ପଟ୍ଟନାୟକ)

ଗୁଜରାଟ ରାଜ୍ୟ ସୁରଟ ସହରର ଟିପୋଡ୍ରାଠାରେ ନିଜ ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ସୁରଟ ପୋଲିସ ରବିବାର ଜି.ଉଦୟଗିରି ପୋଲିସ ସହାୟତାରେ ଡକେଡି ଗ୍ରାମରୁ ଅଭିଯୁକ୍ତ ସ୍ତ୍ରୀ ଓ ତାଙ୍କର ଗୋଟିଏ ଝିଅଙ୍କୁ ଉଠାଇ ନେଇଛି। ସୂଚନା ପ୍ରକାରେ ଗୁଜୁରାଟର ସୁରଟ କୌସମ୍ବା ଥାନା ଟିପୋଡ୍ରା ଠାରେ ଡକେଡି ଗ୍ରାମର ନରେଶ ନାୟକ ତାଙ୍କ ଦୁଇ ଝିଅ ଓ ସ୍ତ୍ରୀଙ୍କ ସହ ରହୁଥିଲେ। ଦୁଇ ସପ୍ତାହ ପୂର୍ବେ ସ୍ୱାମୀ ନରେଶଙ୍କୁ କୌଣସି କାରଣ ଯୋଗୁ ତାଙ୍କ ସ୍ତ୍ରୀ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଘଟଣା ଘଟିବା ପରେ ନରେଶଙ୍କ ସ୍ତ୍ରୀ ସବିତା ଦୁଇ ଝିଅଙ୍କ ସହ ଡକେଡିକୁ ପଳାଇ ଆସିଥିଲେ। ରବିବାର ଗୁଜୁରାଟ ପୋଲିସ ଜି.ଉଦୟଗିରି ଠାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ନରେଶଙ୍କ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଆଣି ଜି.ଉଦୟଗିରି ଥାନାରେ ପଚରାଉଚରା କରିଥିଲା। ପରେ ସ୍ତ୍ରୀ ଓ ଗୋଟିଏ ଝିଅଙ୍କୁ ନେଇ ଗୁଜୁରାଟ ଯାଇଛି। ଅନ୍ୟ ଜଣେ ଝିଅ ନାବାଳିକା ହୋଇଥିବା ଯୋଗୁ ତାଙ୍କୁ ନେଇନାହିଁ। ଏ ନେଇ ସୂଚନା ଦେଇଛନ୍ତି ଜି.ଉଦୟଗିରି ଆଇଆଇସି ଅଜୟ କୁମାର ସ୍ୱାଇଁ ଓ ଏଏସଆଇ ବିନୟ କୁମାର ମହାରଣା।

# ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୮।୬(ମନ୍ମଥ ମିଶ୍ର)

ମୋହନା ପୋଲିସ ଶନିବାର କମଳାପୁର ନାକା ଗେଟଠାରେ ଯାନବାହନ ଯାଞ୍ଚକଲା ବେଳେ ଏକ କାର୍ (ନଂ ଓଆର ୦୫ ଏଟି ୦୮୬୨)ରୁ ୪ଟି ବ୍ୟାଗରେ ଥିବା ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ କେଶରିଗୁଡାର ତବ୍ୟସ ବୀର ଏବଂ ଜୀବନ୍ତ କରାଡଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଏବଂ କାର୍‌କୁ ଜବତ କରିବା ସହ ମୋହନା ଅତିରିକ୍ତ ତହସିଲଦାର୍ ହିମାଂଶୁ ଭୂଷଣ ପଲାଇଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିବାବେଳେ ସେଥିରେ ୧୩୮ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ଉକ୍ତ ଗଞ୍ଜେଇ ଗଜପତିରୁ ବ୍ରହ୍ମପୁର ଚାଲାଣ ହେଉଥିବା ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ବର୍ଷା ପାଇଁ ବେଙ୍ଗୁଲୀ ନାଚ

ପୋଲସରା,୧୮।୬(ସୁବ୍ରତ ବେହେରା)

ଭୀଷଣ ଖରା ସାଙ୍ଗକୁ ଦିନକୁ ଦିନ ଖରାର ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ଖରାର ତାତି, ଆଉ ଗୋଟିଏ ପଟେ ବର୍ଷାକୁ ନେଇ ଚିନ୍ତାରେ ଚାଷୀ। ବର୍ଷା ହେଲେ ଚାଷ ହେବ କହିଛନ୍ତି ଚାଷୀ। ଖରାକୁ ଆଖି ଆଗରେ ରଖି ରବିବାର ପୋଲସରା ବ୍ଲକ ଅନ୍ତର୍ଗତ କରାତଳି ଗ୍ରାମର ପ୍ରତ୍ୟେକ ଘରକୁ ଘର ଯାଇ କୁନି କୁନି ପିଲାମାନଙ୍କ ବେଙ୍ଗୁଲି ନାଚ ଦେଖିବାକୁ ମିଳିଥିଲା।



# ସମିତି ସଭ୍ୟଙ୍କୁ ପ୍ରଶାସନିକ ଅଣଦେଖା ନେଇ ଉଦ୍‌ବେଗ

**ଅଧକ୍ଷା ପଦ ନିମନ୍ତେ ଅଙ୍କକଷା**

ଦିଗପହଣ୍ଡି,୧୮।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମସ୍ଥିତ ମା' ବାଙ୍କେଶ୍ୱରୀ ଶକ୍ତିପୀଠଠାରେ ରବିବାର ବ୍ଲକ ସମିତି ସଭ୍ୟା ସଭ୍ୟମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଛି। ଆୟୋଜିତ ବୈଠକରେ ବ୍ଲକର ପୂର୍ବତନ ଅଧକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକରେ ସମିତି ସଭ୍ୟାସଭ୍ୟମାନଙ୍କୁ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଅବହେଳା କରାଯାଉଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ଦିଗପହଣ୍ଡି ଏନଏସିର ପୂର୍ବତନ ଅଧକ୍ଷ ଉଦୟନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ କେ.ହରିବନ୍ଧୁ ରେଡ୍ଡୀ, ଅସିତ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ସମିତି ସଭ୍ୟାସଭ୍ୟମାନଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠ ପ୍ରଦାନ, ପଞ୍ଚାୟତର ଉନ୍ନତି ନିମନ୍ତେ ବାର୍ଷିକ ୨୦ ଲକ୍ଷ ଟଙ୍କାର ହାତ ପାଣ୍ଠି, ପଞ୍ଚାୟତର ମାସିକ ବୈଠକ ଏବଂ ଗ୍ରାମସଭା ପଲ୍ଲୀସଭାରେ ସମିତି ସଭ୍ୟାସଭ୍ୟଙ୍କ ସ୍ୱାକ୍ଷର ବାଧ୍ୟତାମୂଳକ କରିବା, ମାସିକ ଭତ୍ତା ୧୫ ହଜାର ଟଙ୍କାକୁ ବୃଦ୍ଧି, ପଞ୍ଚାୟତର ବ୍ୟୟ ଅଟକଳ ଓ ଖର୍ଚ୍ଚ ଗୃହୀତ ହେବା ପୂର୍ବରୁ ସ୍ୱାକ୍ଷର ନିଆଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ସଂଘ ଗଠନ କରାଯାଇ ସଭାପତି ଭାବେ ବଡ଼ଡୁମୁଳାର ରମେଶ ଚନ୍ଦ୍ର ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା। ପଙ୍କଜ ସାହୁ, ସୁଦାମ ରେଡ୍ଡୀ, ଶିବରାମ ମହାନ୍ତି, ବିଷ୍ଣୁ ସେଠୀ, ଏସ. ପାର୍ବତୀ, ତମାଳ ନାୟକ, ଏସ. ରୀନା ଦୋରା, ଗାୟତ୍ରୀ ପ୍ରଧାନ, ବାସୁଦେବ ସେଠୀ, ଗଣେଶ ମଲ୍ଲିକ, ଭାବିନ୍ଦ୍ର ଗୌଡ, ଡି . ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପ୍ରଶାସନିକ ଅଣଦେଖା ପ୍ରତିବାଦରେ ବିଡିଓ ଓ ଜିଲାପାଳଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଦିଗପହଣ୍ଡି ବ୍ଲକ ଅଧକ୍ଷା ସୁନୀତା ସେଠୀଙ୍କ ଆକସ୍ମିକ ବିୟୋଗ ପରେ ପରବର୍ତ୍ତୀ ବ୍ଲକ ଅଧକ୍ଷା ପଦବୀ କାହାକୁ ନ୍ୟସ୍ତ କରାଯିବ ସେ ନେଇ ରାଜନୈତିକ ମହଲରେ ଉଷ୍ମତା ପ୍ରକାଶ ପାଇଥିବା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ୧୪ ଜଣ ସମିତି ସଭ୍ୟାସଭ୍ୟ ଏକତ୍ରିତ ସଭା କରିବା ଘଟଣା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସେହିପରି ବୋମକେଇ ପଞ୍ଚାୟତର ସମିତି ସଭ୍ୟା ଯମୁନା ନାୟକଙ୍କୁ ଦିଗପହଣ୍ଡି ବ୍ଲକର ପରବର୍ତ୍ତୀ ଅଧକ୍ଷା ପଦବୀ ନିମନ୍ତେ ପ୍ରାର୍ଥୀ କରାଯିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# ସ୍ୱାଭିମାନ ଅଞ୍ଚଳର ହଳଦୀ କିଣିଲେ ଜର୍ମାନୀ କୃଷିମନ୍ତ୍ରୀ

## ହାଇଦ୍ରାବାଦ ଜି-୨୦ ସମ୍ମିଳନୀରେ ପ୍ରଦର୍ଶିତ

ମାଲକାନଗିରି,୧୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ପ୍ରଚୁର ପରିମାଣରେ ହଳଦୀ ଚାଷ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଆଦିବାସୀମାନଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ହଳଦୀ ଚାଷ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ଏଥିସହ ଓରମାସ୍ ପକ୍ଷରୁ ମଧ୍ୟ ହଳଦୀ ଚାଷ ପାଇଁ ପ୍ରୋତ୍ସାହନ ଓ ସହଯୋଗ ଯୋଗାଇ ଦିଆଯାଉଛି। ଇତି ମଧ୍ୟରେ ତେଲଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ହଳଦୀ ପ୍ରଦର୍ଶିତ ହୋଇଥିଲା। ଏହି ସମ୍ମିଳନୀରେ ଦେଶ ବିଦେଶରୁ ବହୁ ଲୋକ ଯୋଗଦେଇ ବିଭିନ୍ନ ଜିନିଷ କିଣିଥିବା ବେଳେ ଜର୍ମାନୀର କୃଷିମନ୍ତ୍ରୀ ସ୍ୱାଭିମାନ ଅଞ୍ଚଳର ହଳଦୀ କିଣିଥିଲେ। ପରେ ସେ ଓଡ଼ିଶା ସରକାର ତଥା ମାଲକାନଗିରି ଜିଲା ପ୍ରଶାସନ ଏବଂ ଓରମାସ୍‌କୁ ହଳଦୀର ମାନ ଦେଖି ସାଧୁବାଦ ଜଣାଇଛନ୍ତି। ଫଳରେ ସ୍ୱାଭିମାନ ଅଞ୍ଚଳବାସୀ ଏଥି ଲାଗି ଖୁସି ପ୍ରକଟ କରିଛନ୍ତି। ଏହି ଖବର ଜଣାପଡିବା ପରେ ମାଲକାନଗିରି ଜିଲାରେ ଖୁସି ପ୍ରକାଶ ପାଇଛି। ଆଗାମୀ ଦିନରେ ଏହି ହଳଦୀ କେବଳ ଦେଶରେ ନୁହେଁ, ବିଦେଶକୁ ମଧ୍ୟ ଯିବାର ସମ୍ଭାବନା ରହିଛି।



ଜର୍ମାନୀର କୃଷିମନ୍ତ୍ରୀ ହଳଦୀ କିଣିବା ଅବସରରେ।

# ପୂର୍ତ୍ତ ବିଭାଗରେ ବି ଠିକାସଂସ୍ଥା

## ରାଣ୍ଡଷ୍ଟାଡ୍ ଇଣ୍ଡିଆ ପକ୍ଷରୁ ୧୮ ଯନ୍ତ୍ରୀ ମନୋନୀତ

ହର୍ଷବର୍ଦ୍ଧନ ବେହେରା
ଯାଜପୁର,୧୮।୬

କେବଳ ଶିଳ୍ପାଞ୍ଚଳରେ ନୁହେଁ, ଏବେ ସରକାରୀ ପୂର୍ତ୍ତ ବିଭାଗରେ ମଧ୍ୟ ଠିକାସଂସ୍ଥା ଜରିଆରେ ନିଯୁକ୍ତି ମିଳୁଛି। ଅର୍ଥାତ୍ ଏଠାରେ ବି ଜିଲା କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ ଶିକ୍ଷିତ ଯୁବତୀଯୁବକଙ୍କୁ ଅଣଦେଖା କରାଯାଉଛି। ଠିକାସଂସ୍ଥା ରାଣ୍ଡଷ୍ଟାଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ ଦ୍ୱାରା ମନୋନୀତ ୩୨ ଜଣ ଆବେଦନକାରୀଙ୍କୁ ନେଇ ୯।୬।୨୦୨୩ରେ ଇଣ୍ଟରଭ୍ୟୁ ହୋଇଥିଲା। ଏହାପରେ ଗତ ୧୬ ତାରିଖରେ ପୂର୍ତ୍ତ ବିଭାଗର ଡିପିଆଇ ଆଣ୍ଡ୍ ରୋଡ୍ ଚିଫ୍ ଇଞ୍ଜିନିୟର କାର୍ଯ୍ୟାଳୟ ପକ୍ଷରୁ ଏକ ଚୟନ କମିଟି ମାଧ୍ୟମରେ ଇଣ୍ଟରଭ୍ୟୁ କରାଯାଇ ଯନ୍ତ୍ରୀ ପରାମର୍ଶଦାତା ପଦବୀ ପାଇଁ ୧୮ ଜଣଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଆବେଦନକାରୀଙ୍କଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରାଯାଇଥିବା ଚର୍ଚ୍ଚା ହେଉଛି।

ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ଜିଲା କର୍ମନିଯୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେସନ ଅଫ୍ ଭାକେନ୍ସି ଆକ୍ଟ ଅନୁଯାୟୀ ପ୍ରକ୍ରିୟା ହେବା କଥା। କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ ନିଜର ସ୍ୱାର୍ଥସାଧନ ପାଇଁ କର୍ମ ନିଯୋଜନ ସଂସ୍ଥା ମାଧ୍ୟମରେ ପଞ୍ଜୀକୃତ ଶିକ୍ଷିତ ଯୁବତୀଯୁବକଙ୍କୁ ଚୟନ କରାଯାଉ ନାହିଁ। ଯାଜପୁର ଜିଲା କର୍ମ ନିଯୋଜନ ସଂସ୍ଥା ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୧ରୁ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ସମୁଦାୟ ୧୮,୫୪୩ ଜଣ ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ପାଇଁ ପଞ୍ଜୀକରଣ କରିଛନ୍ତି। ଏଥିରେ ସିଭିଲ, ମେକାନିକାଲ, ଇଲେକ୍ଟ୍ରିକାଲ ଆଦି ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରମାନେ ମଧ୍ୟ ରହିଛନ୍ତି। ହେଲେ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଏଥିରୁ ଜଣଙ୍କୁ ବି ନିଯୁକ୍ତି ମିଳିନାହିଁ। ଏପରିକି ସରକାରୀ ସଂସ୍ଥା ମଧ୍ୟ କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରି ଚାଲିଛନ୍ତି। ଏହି ସରକାରୀ ସଂସ୍ଥା ଏବେ ଥାଇ ନ ଥିଲା ଭଳି ମନେ ହେଉଛି।



OFFICE OF THE ENGINEER-IN-CHIEF (CIVIL) ODISHA
NIRMAN SOUDHA, KESHARI NAGAR, UNIT-V, BHUBANESWAR – 751001

Letter No. 25486 /Dt. Bhubaneswar the 16th June 2023
File No. C-I-Mis-IVR-03/2023
From
Er. Tara Prasad Mishra
Chief Engineer (DPI & Roads), Odisha
Email: ceroads.bbsr@gmail.com
To
The MD OB & CC
Odisha, Bhubaneswar.

Sub: Manpower outsourcing for deployment in the O/o the Engineer-in-Chief (Civil) Odisha, Bhubaneswar.

Ref: This office letter No.16068 dt.13.04.2023 and OB & CC Ltd. Memo No.3572 dt.26.04.2023.

Sir,

With reference to the letter and subject cited above, it is to state that user Department has conducted an interview of the candidate by its selection committee on date.09.06.2023. The vender Randstad India Pvt. Ltd. has submitted profile of 32 Nos of candidates for selection by the user Department. The user department conducted its selection procedure for 32 Nos of candidates and shortlisted the following 18 Nos of candidates (List enclosed).

You are therefore requested to issue necessary order to the vendor for engagement of the selected candidates as per the list at an early.

Your's Faithfully,
Chief Engineer (D.P.I & Roads)
Odisha, Bhubaneswar

ପୂର୍ତ୍ତ ବିଭାଗର ଡିପିଆଇ ଆଣ୍ଡ୍ ରୋଡ୍ ଚିଫ୍ ଇଞ୍ଜିନିୟରଙ୍କ ଚିଠି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) କାର୍ଯ୍ୟ ପାଇଁ କେନ୍ଦୁଝର ଓ ସୁନ୍ଦରଗଡ଼ରେ ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ ଡିଗ୍ରୀ/ଡିପ୍ଲୋମାଧାରୀମାନଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ଏଥିରେ ସିଭିଲ ଇଞ୍ଜିନିୟର ଡିଗ୍ରୀଧାରୀ ୧୬୪, ସିଭିଲ ଡିପ୍ଲୋମାଧାରୀ ୬୮, ଇଲେକ୍ଟ୍ରିକାଲ ଡିଗ୍ରୀଧାରୀ ୨୧, ଇଲେକ୍ଟ୍ରିକାଲ ଡିପ୍ଲୋମାଧାରୀ ୧୫, ମେକାନିକାଲ ଡିଗ୍ରୀଧାରୀ ୧୩ ଓ ଡିପ୍ଲୋମାଧାରୀ ୬ ଜଣ ଆବେଦନ କରିଥିଲେ। ଏଥିରେ ମଧ୍ୟ ଠିକାସଂସ୍ଥା ରାଣ୍ଡଷ୍ଟାଡ ଇଣ୍ଡିଆ ଯୁବତୀଯୁବକଙ୍କଠାରୁ ଆବେଦନପତ୍ର ଗ୍ରହଣ କରିଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃର ଚିଫ୍ ଜେନେରାଲ ମ୍ୟାନେଜର ଅତୁଲ୍ୟ ଚମ୍ପତିରାୟ ୧୫।୧୦।୨୦୨୨ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ମନୋନୟନ ପ୍ରକ୍ରିୟା କରିବାକୁ ଜଳସମ୍ପଦ ବିଭାଗର ସ୍ପେଶାଲ ସେକ୍ରେଟାରୀ ପ୍ରଭାତ କୁମାର ଭୋଇଙ୍କୁ ପତ୍ର ଲେଖିଥିଲେ। ତେବେ ଏହି ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ବ୍ୟାପକ ଭାବେ ଅନିୟମିତତା ହୋଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏଭଳି ଭାବେ ସରକାରୀ କର୍ମ ନିଯୋଜନ ସଂସ୍ଥାକୁ ବାଦ୍ ଦେଇ ବେସରକାରୀ ଠିକାସଂସ୍ଥାକୁ ମାଲାମାଲ କରିବା ଉଦ୍ଦେଶ୍ୟ ରଖି ନିଯୁକ୍ତି ଚାଲିଥିବା ମତପ୍ରକାଶ ପାଇଛି।

# ତାଳଚେର ବିଧାୟକଙ୍କ ପିତୃ ବିୟୋଗ

ତାଳଚେର, ୧୮।୬ (ମନୋଜ ନନ୍ଦ): ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୮୫)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଭାରତୀୟ ସେନା ବାହିନୀରୁ ଅବସର ନେଇଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



ମୃତ୍ୟୁଶଯ୍ୟା ନିକଟରେ ପୁଅ ତଥା ବିଧାୟକ ପ୍ରଧାନଙ୍କ ସହ ପରିବାର ସଦସ୍ୟ, ବନ୍ଧୁପରିଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଳଚେରରେ ଶୋକର ଛାୟା ଖେଳିଯାଇଥିଲା। ଅନୁଗୋଳ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବିଜେଡି କର୍ମକର୍ତ୍ତା, କର୍ମୀମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଗଭୀର ଦୁଃଖ ପ୍ରକାଶ କରିବା ସହିତ ପୂର୍ଣ୍ଣଚନ୍ଦ୍ରଙ୍କ ହାଣ୍ଡିଧୁଆଁସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଜିଲା ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ପ୍ରାକ୍ତନ କାଉନସିଲର ଶଙ୍କର ବେହେରା, ବିନାୟକ ଜେନା, କାର୍ତ୍ତିକେଶ୍ୱର ସାହୁ, ରିତେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ନିକଟସ୍ଥ ଶ୍ମଶାନରେ ପୂର୍ଣ୍ଣଚନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# କୁଶେଇ ନଦୀରେ ମାଛ ମଡ଼କ

## ମଲାମାଛ ଖାଇବାକୁ ବାରଣ କଲା ପ୍ରଶାସନ



ଲୋକେ ନଦୀରୁ ମଲାମାଛ ସଂଗ୍ରହ କରୁଛନ୍ତି।

ଆନନ୍ଦପୁର, ୧୮।୬(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଜଳସୁଆଁ ନିକଟ କୁଶେଇ ନଦୀର ଗଣ୍ଡଠାରୁ ୧ କି.ମି. ପର୍ଯ୍ୟନ୍ତ ତଳମୁଣ୍ଡକୁ ନଦୀଗର୍ଭରେ ଭାସୁଛି କୁଢ଼ କୁଢ଼ ମଲା ମାଛ । ରବିବାର ସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପ୍ରଚାରିତ ହେବା ପରେ ଲୋକମାନେ ମଲା ମାଛ ସାଉଁଟିବାରେ ଲାଗି ପଡିଥିଲେ। ଏହାର କାରଣ ଜଣାପଡ଼ି ନ ଥିବାରୁ ଏହି ମଲା ମାଛ ଖାଇବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ସୂଚନା ଅନୁଯାୟୀ, ନଦୀର ତଳମୁଣ୍ଡରେ ଶହ ଶହ ସଂଖ୍ୟାରେ ମାଛ, କୋଚିଆ, ଗେଣ୍ଡା, କଇଁଛ ଆଦି ମରି ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପ୍ରଚାର ପରେ କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକେ ପହଞ୍ଚି ମାଛ ସଂଗ୍ରହ କରିବା ଆରମ୍ଭ କରିଥିଲେ। ତେବେ ମାଛ ମଡ଼କକୁ ନେଇ ସ୍ପଷ୍ଟ କାରଣ ମିଳିପାରି ନ ଥିବା ବେଳେ କେହି ବିଷ ପକାଇଥିବା ଆଲୋଚନା ହେଉଛି। ଘଟଣା ସମ୍ପର୍କରେ ଜାଣିବା ପରେ ଉପଜିଲାପାଳ ଅନୀଲ କୁମାର ସେଠୀ ସ୍ଥାନୀୟ ଆରଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଡାକବାଜି ଯନ୍ତ୍ର ଯୋଗେ ମଲାମାଛକୁ ନ ଖାଇବାକୁ ଲୋକଙ୍କୁ ସଚେତନ କରାଯାଇଥିଲା।



ଏକ ମଲା କଇଁଛ ଭାସୁଛି

# ସମୁଦ୍ରରେ ଓଲଟିଲା ଭୁଟୁଭୁଟି, ବୁଡ଼ିଯାଇ ମତ୍ସ୍ୟଜୀବୀ ମୃତ

## ୫ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର

ରୂପସା, ୧୮।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକର ବାହାବଲପୁର ସାମୁଦ୍ରିକ ଥାନା ଅଧୀନ ବାହାବଲପୁର ମାଛଧରା କେନ୍ଦ୍ରରେ ରବିବାର ଏକ ଦୁର୍ଘଟଣା ଘଟିଛି। ସମୁଦ୍ରରୁ ମାଛ ଧରି ଫେରୁଥିବା ଏକ ଭୁଟୁଭୁଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ହୋଇଛି। ଆଉ ଜଣେ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୫ଜଣ ମତ୍ସ୍ୟଜୀବୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

କଷାଫଳ ଗ୍ରାମର ସୁବାସ ବେହେରାଙ୍କ 'ହିମାଦ୍ରି' ନାମକ ଭୁଟୁଭୁଟି ସମୁଦ୍ରରୁ ମାଛ ଧରି ଫେରୁଥିଲା। ସେଥିରେ ଡ୍ରାଇଭର ସମେତ



ଓଲଟି ପଡ଼ିଥିବା ଭୁଟୁଭୁଟି

୭ଜଣ ମତ୍ସ୍ୟଜୀବୀ ଥିଲେ। ମୁହାଣ ନିକଟରେ ଭୁଟୁଭୁଟିଟି ଓଲଟି ପଡିଥିଲା। ସେଥିରୁ ୫ଜଣ କୂଳକୁ କୌଶଳକ୍ରମେ ପଳାଇ ଆସିଥିବା ବେଳେ ଅନ୍ୟ ୨ଜଣ ନିଖୋଜ ଥିଲେ। ସେମାନଙ୍କୁ ତଟରକ୍ଷୀ ବାହିନୀ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରି ଉଦ୍ଧାର କରାଯାଇଥିଲା। କଷାଫଳ ଗ୍ରାମର କାଳିପଦ ମାନ୍ନା (୩୨)ଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଆହତ ମତ୍ସ୍ୟଜୀବୀ କଷାଫଳ ଗ୍ରାମର ବାବୁଧର ବେହେରାଙ୍କୁ ସମୁଦ୍ର କୂଳରୁ ଉଦ୍ଧାର କରାଯାଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ମେଡ଼ିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ କାଳିପଦଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଘାଇଲା ଶିକାରୀଙ୍କୁ ଖୋଜୁଛି ପୋଲିସ

## ଡେପୁଟି ରେଞ୍ଜରଙ୍କ ମୃତ୍ୟୁ ଘଟଣା

- ୧୦ ଅଟକ
- ଶହୀଦ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ: ପ୍ରଦୀପ ଅମାତ
- ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ: ବିଶ୍ୱେଶ୍ୱର ଟୁଡୁ

ବାରିପଦା, ୧୮।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଡେପୁଟି ରେଞ୍ଜର ମାଥି ହାଁସଦା ନିହତ ହେବା ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବନ କର୍ମଚାରୀ ଓ ଶିକାରୀଙ୍କ ମଧ୍ୟରେ ଗୁଳି ବିନିମୟ ସମୟରେ ଗୁଳି ବାଜି ଘାଇଲା ହେବା ଆଶଙ୍କା ଥିବା ଶିକାରୀଙ୍କୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାରିପଦାଠାରୁ ଆରମ୍ଭ କରି ବାଲେଶ୍ୱର ମଧ୍ୟରେ ଥିବା ନର୍ସିଂହୋମ ଓ ଘରୋଇ କ୍ଲିନିକରେ ପୋଲିସ ଯାଞ୍ଚ କରୁଛି। ଅନ୍ୟପକ୍ଷରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୃତ ବନ ଅଧିକାରୀଙ୍କ ପରିବାରଙ୍କୁ ଭେଟିବା ସହ ବନ କର୍ମଚାରୀ ଶିମିଳିପାଳର ସୁରକ୍ଷା ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରିଛନ୍ତି। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପର ବାରହାକାମଡ଼ା ରେଞ୍ଜ କାଣ୍ଡଧେନୁ ସେକ୍ସନ ଗାମୁଛା ଝରଣ ବିଟ ଅଞ୍ଚଳରେ ଶିକାରୀ ସହ ମୁହାଁମୁହିଁ ହୋଇ ଡେପୁଟି ରେଞ୍ଜର ମାଥି ଶହୀଦ ହୋଇଛନ୍ତି। ଏସ୍‌ପି ବି.ଗଙ୍ଗାଧର ଠାକୁରମୁଣ୍ଡା ଥାନାରେ ପହଞ୍ଚି ତଦନ୍ତକୁ ବ୍ୟାପକ କରିଛନ୍ତି। କାଠ ମାଫିଆ ଓ ଜୀବଜନ୍ତୁ ଶିକାରୀଙ୍କ ଏକ ବଡ଼ ଧରଣର ର୍‍ୟାକେଟ ମାଧ୍ୟମରେ ନିରୀହ ଜୀବନ ଯାଉଛି। କର୍ମଚାରୀମାନେ ଠେଙ୍ଗା ଓ ଅଦରକାରୀ ବନ୍ଧୁକ ଧରି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଶିକାରୀଙ୍କ ସହ ମୁକାବିଲା କରୁଛନ୍ତି। ମାତ୍ର ବିଭାଗ ପକ୍ଷରୁ ଦିଆଯାଇଥିବା ବନ୍ଧୁକରୁ ଗୁଳି ବାହାରୁ ନ ଥିବାରୁ କର୍ମଚାରୀମାନଙ୍କ ଆତ୍ମରକ୍ଷା ସମ୍ଭବ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ କ୍ଷୋଭ ପ୍ରକାଶ କରିଛନ୍ତି। ଶିମିଳିପାଳ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ମନ୍ତ୍ରୀ ଅମାତ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଶିମିଳିପାଳ ଓ ବନ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ବନ୍ଧୁକ ଚାଳନା ତାଲିମ ପ୍ରଦାନ କରାଯିବା ସହ ଲାଇଫ୍ ଜାକେଟ ଯୋଗାଇ ଦିଆଯିବ। ଡ୍ରୋନ ମାଧ୍ୟମରେ ଶିକାରୀଙ୍କ ଅନୁପ୍ରବେଶକୁ ରୋକାଯିବ। ଦେଶୀ ବନ୍ଧୁକ ତିଆରି କାରଖାନାକୁ ଚିହ୍ନଟ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। ଶହୀଦ ବିମଳ କୁମାର ଜେନାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଓ ଶିମିଳିପାଳ ଫାଉଣ୍ଡେସନ ପକ୍ଷରୁ ୧୫ଲକ୍ଷ ମିଶାଇ ମୋଟ ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତଦନୁଯାୟୀ ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ପରିବାରକୁ ଅଧିକରୁ ଅଧିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରଦୀପ ଅମାତ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।





# ରଥଯାତ୍ରା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍

01. ତା.18.06.23ରିଖ, ତା.19.06.23ରିଖ ଏବଂ ତା.21.06.23ରିଖ ଦିନ ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରସ୍ଥାନ ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 07058 | ସିକନ୍ଦରାବାଦ - ମାଳତୀପାଟପୁର | 18.06.23 | 2105 | 1815 |
| 07063 | ନାନ୍ଦେଡ଼ - ଖୋର୍ଦ୍ଧା ରୋଡ଼ | 19.06.23 | 1420 | 1630 |
| 07069 | କାଚିଗୁଡ଼ା - ମାଳତୀପାଟପୁର | 21.06.23 | 2030 | 1830 |

02. ତା.19.06.23ରିଖ, ତା.20.06.23ରିଖ ଏବଂ ତା.22.06.23ରିଖ ଦିନ ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରସ୍ଥାନ ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 07059 | ମାଳତୀପାଟପୁର - ସିକନ୍ଦରାବାଦ | 19.06.23 | 2300 | 2000 |
| 07064 | ଖୋର୍ଦ୍ଧା ରୋଡ଼ - ନାନ୍ଦେଡ଼ | 20.06.23 | 1830 | 2130 |
| 07070 | ମାଳତୀପାଟପୁର - କାଚିଗୁଡ଼ା | 22.06.23 | 2300 | 2220 |

03. ତା.20.06.23ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08901 | ବିଶାଖାପାଟଣା - ପୁରୀ | 19.06.23 | 1430 | 0115 |
| 08903 | ଜୁନାଗଡ଼ ରୋଡ୍ - ପୁରୀ | 19.06.23 | 1100 | 0130 |
| 08907 | ପାରାଦ୍ୱୀପ - ପୁରୀ | 19.06.23 | 2200 | 0220 |
| 08057 | ଜଗଦଲପୁର - ପୁରୀ | 19.06.23 | 1000 | 0400 |
| 08019 | ଅନୁଗୁଳ - ପୁରୀ | 19.06.23 | 2330 | 0410 |
| 08041 | ଭଦ୍ରକ - ପୁରୀ | 19.06.23 | 2300 | 0445 |
| 08905 | ସମ୍ବଲପୁର - ପୁରୀ | 19.06.23 | 2000 | 0510 |
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 20.06.23 | 0500 | 0630 |
| 08051 | ନୂଆଗାଁ ରୋଡ଼ - ପୁରୀ | 20.06.23 | 0415 | 0815 |
| 08021 | ଅନୁଗୁଳ - ପୁରୀ | 20.06.23 | 0400 | 0830 |
| 08043 | ଭଦ୍ରକ - ପୁରୀ | 20.06.23 | 0400 | 0850 |
| 08023 | ବ୍ରହ୍ମପୁର - ପୁରୀ | 20.06.23 | 0400 | 0920 |
| 08909 | ପାରାଦ୍ୱୀପ - ପୁରୀ | 20.06.23 | 0400 | 0945 |
| 08549 | ପଲାସା - ପୁରୀ | 20.06.23 | 0400 | 1000 |
| 08045 | କେନ୍ଦୁଝରଗଡ଼ - ପୁରୀ | 20.06.23 | 0400 | 1045 |
| 08029 | ଗୁଣୁପୁର - ପୁରୀ | 20.06.23 | 0200 | 1130 |
| 08911 | ଯାଜପୁର କେଉଁଝର ରୋଡ଼ - ପୁରୀ | 20.06.23 | 0600 | 1145 |
| 08025 | ବ୍ରହ୍ମପୁର - ପୁରୀ | 20.06.23 | 0730 | 1330 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 20.06.23 | 1300 | 1415 |

04. ତା.20.06.23ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08908 | ପୁରୀ - ପାରାଦ୍ୱୀପ | 20.06.23 | 1430 | 1945 |
| 08020 | ପୁରୀ - ଅନୁଗୁଳ | 20.06.23 | 1515 | 2100 |
| 08042 | ପୁରୀ - ଭଦ୍ରକ | 20.06.23 | 1530 | 2145 |
| 08024 | ପୁରୀ - ବ୍ରହ୍ମପୁର | 20.06.23 | 1545 | 2030 |
| 08030 | ପୁରୀ - ଗୁଣୁପୁର | 20.06.23 | 1645 | 2240 |
| 08912 | ପୁରୀ - ଯାଜପୁର କେଉଁଝର ରୋଡ଼ | 20.06.23 | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 20.06.23 | 1815 | 2330 |
| 08550 | ପୁରୀ - ପଲାସା | 20.06.23 | 1830 | 0100 |
| 08046 | ପୁରୀ - କେନ୍ଦୁଝରଗଡ଼ | 20.06.23 | 1845 | 0200 |
| 08034 | ପୁରୀ - ଖୋର୍ଦ୍ଧା ରୋଡ଼ | 20.06.23 | 1945 | 2100 |
| 08022 | ପୁରୀ - ଅନୁଗୁଳ | 20.06.23 | 2000 | 0145 |
| 08906 | ପୁରୀ - ସମ୍ବଲପୁର | 20.06.23 | 2100 | 0500 |
| 08052 | ପୁରୀ - ନୂଆଗାଁ ରୋଡ଼ | 20.06.23 | 2115 | 0115 |
| 08058 | ପୁରୀ - ଜଗଦଲପୁର | 20.06.23 | 2130 | 1200 |
| 08904 | ପୁରୀ - ଜୁନାଗଡ଼ ରୋଡ଼ | 20.06.23 | 2225 | 1045 |
| 08902 | ପୁରୀ - ବିଶାଖାପାଟଣା | 20.06.23 | 2255 | 0730 |
| 08044 | ପୁରୀ - ଭଦ୍ରକ | 20.06.23 | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 20.06.23 | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 21.06.23 | 0030 | 0445 |

05. ତା.21.06.23ରିଖ ଠାରୁ ତା.27.06.23ରିଖ ପର୍ଯ୍ୟନ୍ତ ଏବଂ ତା.30.06.23ରିଖ ପୁରୀକୁ ଦୈନିକ ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 0500 | 0630 |
| 08021 | ଅନୁଗୁଳ - ପୁରୀ | 0400 | 0830 |
| 08043 | ଭଦ୍ରକ - ପୁରୀ | 0400 | 0850 |
| 08909 | ପାରାଦ୍ୱୀପ - ପୁରୀ | 0400 | 0945 |
| 08911 | ଯାଜପୁର କେଉଁଝର ରୋଡ଼ - ପୁରୀ | 0600 | 1145 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 1300 | 1415 |

06. ତା.21.06.23ରିଖ ଠାରୁ ତା.27.06.23ରିଖ ପର୍ଯ୍ୟନ୍ତ ଏବଂ ତା.30.06.23ରିଖ ପୁରୀରୁ ଦୈନିକ ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|
| 08020 | ପୁରୀ - ଅନୁଗୁଳ | 1515 | 2100 |
| 08911 | ପୁରୀ - ଯାଜପୁର କେଉଁଝର ରୋଡ଼ | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 1815 | 2330 |
| 08044 | ପୁରୀ - ଭଦ୍ରକ | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 0030 | 0445 |

07. ତା.28.06.23ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08901 | ବିଶାଖାପାଟଣା - ପୁରୀ | 27.06.23 | 1430 | 0115 |
| 08907 | ପାରାଦ୍ୱୀପ - ପୁରୀ | 27.06.23 | 2200 | 0220 |
| 08019 | ଅନୁଗୁଳ - ପୁରୀ | 27.06.23 | 2330 | 0410 |
| 08041 | ଭଦ୍ରକ - ପୁରୀ | 27.06.23 | 2300 | 0445 |
| 08905 | ସମ୍ବଲପୁର - ପୁରୀ | 27.06.23 | 2000 | 0510 |
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 28.06.23 | 0500 | 0630 |
| 08051 | ନୂଆଗାଁ ରୋଡ଼ - ପୁରୀ | 28.06.23 | 0415 | 0815 |
| 08021 | ଅନୁଗୁଳ - ପୁରୀ | 28.06.23 | 0400 | 0830 |
| 08043 | ଭଦ୍ରକ - ପୁରୀ | 28.06.23 | 0400 | 0850 |
| 08023 | ବ୍ରହ୍ମପୁର - ପୁରୀ | 28.06.23 | 0400 | 0920 |
| 08909 | ପାରାଦ୍ୱୀପ - ପୁରୀ | 28.06.23 | 0400 | 0945 |
| 08549 | ପଲାସା - ପୁରୀ | 28.06.23 | 0400 | 1000 |
| 08045 | କେନ୍ଦୁଝରଗଡ଼ - ପୁରୀ | 28.06.23 | 0400 | 1045 |
| 08029 | ଗୁଣୁପୁର - ପୁରୀ | 28.06.23 | 0200 | 1130 |
| 08911 | ଯାଜପୁର କେଉଁଝର ରୋଡ଼ - ପୁରୀ | 28.06.23 | 0600 | 1145 |
| 08025 | ବ୍ରହ୍ମପୁର - ପୁରୀ | 28.06.23 | 0730 | 1330 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 28.06.23 | 1300 | 1415 |

08. ତା.28.06.23ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08908 | ପୁରୀ - ପାରାଦ୍ୱୀପ | 28.06.23 | 1430 | 1945 |
| 08020 | ପୁରୀ - ଅନୁଗୁଳ | 28.06.23 | 1515 | 2100 |
| 08042 | ପୁରୀ - ଭଦ୍ରକ | 28.06.23 | 1530 | 2145 |
| 08024 | ପୁରୀ - ବ୍ରହ୍ମପୁର | 28.06.23 | 1545 | 2030 |
| 08030 | ପୁରୀ - ଗୁଣୁପୁର | 28.06.23 | 1645 | 2240 |
| 08912 | ପୁରୀ - ଯାଜପୁର କେଉଁଝର ରୋଡ଼ | 28.06.23 | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 28.06.23 | 1815 | 2330 |
| 08550 | ପୁରୀ - ପଲାସା | 28.06.23 | 1830 | 0100 |
| 08046 | ପୁରୀ - କେନ୍ଦୁଝରଗଡ଼ | 28.06.23 | 1845 | 0200 |
| 08034 | ପୁରୀ - ଖୋର୍ଦ୍ଧା ରୋଡ଼ | 28.06.23 | 1945 | 2100 |
| 08022 | ପୁରୀ - ଅନୁଗୁଳ | 28.06.23 | 2000 | 0145 |
| 08906 | ପୁରୀ - ସମ୍ବଲପୁର | 28.06.23 | 2100 | 0500 |
| 08052 | ପୁରୀ - ନୂଆଗାଁ ରୋଡ଼ | 28.06.23 | 2115 | 0115 |
| 08902 | ପୁରୀ - ବିଶାଖାପାଟଣା | 28.06.23 | 2255 | 0730 |
| 08044 | ପୁରୀ - ଭଦ୍ରକ | 28.06.23 | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 28.06.23 | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 29.06.23 | 0030 | 0445 |

09. ତା.29.06.23ରିଖ (ସୁନାବେଶ) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍

| | | | | |
|---|---|---|---|---|
| 08903 | ଜୁନାଗଡ଼ ରୋଡ୍ - ପୁରୀ | 28.06.23 | 1100 | 0130 |
| 08907 | ପାରାଦ୍ୱୀପ - ପୁରୀ | 28.06.23 | 2200 | 0220 |
| 08057 | ଜଗଦଲପୁର - ପୁରୀ | 28.06.23 | 1000 | 0400 |
| 08019 | ଅନୁଗୁଳ - ପୁରୀ | 28.06.23 | 2330 | 0410 |
| 08041 | ଭଦ୍ରକ - ପୁରୀ | 28.06.23 | 2300 | 0445 |
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 29.06.23 | 0500 | 0630 |
| 08051 | ନୂଆଗାଁ ରୋଡ଼ - ପୁରୀ | 29.06.23 | 0415 | 0815 |
| 08021 | ଅନୁଗୁଳ - ପୁରୀ | 29.06.23 | 0400 | 0830 |
| 08043 | ଭଦ୍ରକ - ପୁରୀ | 29.06.23 | 0400 | 0850 |
| 08023 | ବ୍ରହ୍ମପୁର - ପୁରୀ | 29.06.23 | 0400 | 0920 |
| 08909 | ପାରାଦ୍ୱୀପ - ପୁରୀ | 29.06.23 | 0400 | 0945 |
| 08549 | ପଲାସା - ପୁରୀ | 29.06.23 | 0400 | 1000 |
| 08045 | କେନ୍ଦୁଝରଗଡ଼ - ପୁରୀ | 29.06.23 | 0400 | 1045 |
| 08029 | ଗୁଣୁପୁର - ପୁରୀ | 29.06.23 | 0200 | 1130 |
| 08911 | ଯାଜପୁର କେଉଁଝର ରୋଡ଼ - ପୁରୀ | 29.06.23 | 0600 | 1145 |
| 08025 | ବ୍ରହ୍ମପୁର - ପୁରୀ | 29.06.23 | 0730 | 1330 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 29.06.23 | 1300 | 1415 |

10. ତା.29.06.23ରିଖ (ସୁନାବେଶ) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍

| | | | | |
|---|---|---|---|---|
| 08908 | ପୁରୀ - ପାରାଦ୍ୱୀପ | 29.06.23 | 1430 | 1945 |
| 08020 | ପୁରୀ - ଅନୁଗୁଳ | 29.06.23 | 1515 | 2100 |
| 08042 | ପୁରୀ - ଭଦ୍ରକ | 29.06.23 | 1530 | 2145 |
| 08024 | ପୁରୀ - ବ୍ରହ୍ମପୁର | 29.06.23 | 1545 | 2030 |
| 08030 | ପୁରୀ - ଗୁଣୁପୁର | 29.06.23 | 1645 | 0140 |
| 08912 | ପୁରୀ - ଯାଜପୁର କେଉଁଝର ରୋଡ଼ | 29.06.23 | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 29.06.23 | 1815 | 2330 |
| 08550 | ପୁରୀ - ପଲାସା | 29.06.23 | 1830 | 0100 |
| 08046 | ପୁରୀ - କେନ୍ଦୁଝରଗଡ଼ | 29.06.23 | 1845 | 0200 |
| 08034 | ପୁରୀ - ଖୋର୍ଦ୍ଧା ରୋଡ଼ | 29.06.23 | 1945 | 2100 |
| 08022 | ପୁରୀ - ଅନୁଗୁଳ | 29.06.23 | 2000 | 0145 |
| 08052 | ପୁରୀ - ନୂଆଗାଁ ରୋଡ଼ | 29.06.23 | 2115 | 0115 |
| 08058 | ପୁରୀ - ଜଗଦଲପୁର | 29.06.23 | 2130 | 1200 |
| 08904 | ପୁରୀ - ଜୁନାଗଡ଼ ରୋଡ଼ | 29.06.23 | 2225 | 1045 |
| 08044 | ପୁରୀ - ଭଦ୍ରକ | 29.06.23 | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 29.06.23 | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 30.06.23 | 0030 | 0445 |




UTS APP
ଡାଉନ୍‌ଲୋଡ଼ କରିବା ପାଇଁ ଏହି QR କୋଡ଼କୁ ସ୍କାନ୍ କରନ୍ତୁ

ECOR YATRA APP
ଡାଉନ୍‌ଲୋଡ଼ କରିବା ପାଇଁ ଏହି QR କୋଡ଼କୁ ସ୍କାନ୍ କରନ୍ତୁ

ରେଳମଦଦ୍ ହେଲ୍ପଲାଇନ୍ 139 ଏକିକୃତ ନମ୍ବର

- ସଂରକ୍ଷିତ ସୁବିଧା ସ୍ୱତନ୍ତ୍ର ଭଡ଼ା ବିଶିଷ୍ଟ ଟ୍ରେନ୍‌ଗୁଡ଼ିକ ବ୍ୟତୀତ ପୁରୀରୁ ଏବଂ ପୁରୀକୁ ଯାତାୟତ କରିବାକୁ ଥିବା ସମସ୍ତ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଅଣସଂରକ୍ଷିତ ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ରୂପେ ଚଳାଚଳ କରିବ।
- ରଥଯାତ୍ରା ସମୟରେ ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ବିଶେଷ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ,ଭାୟା-ଅରଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟତ କରିବ।

D-4/23

ପୂର୍ବ ତଟ ରେଳପଥ

@EASTCOASTRailway1 @EastCoastRail www.instagram.com/cproecor eastcoastrail.indianrailways.gov.in

## ସଂକ୍ଷେପରେ

### ସିରିଡ଼ିସାଇ, ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଶେରଗଡ,୧୮।୬(ସୂର୍ଯ୍ୟ ନାରାୟଣ ଦାଶ):** ଶେରଗଡ ପେଟ୍ରୋଲ ଟାଙ୍କି ପାର୍ଶ୍ୱରେ ସିରିଡିସାଇ ଓ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ କଳସ ଯାତ୍ରାରେ ବହୁ ମହିଳା ପୁରୁଷ ନନ୍ଦିନୀ ନଦୀରୁ ଜଳ ଆଣିବା ପରେ ଅଧିବାସ, ସାଲା ପୂଜା କରାଯାଇଛି। ହୃଷିକେଶ ପାଢ଼ୀ, ସନ୍ତୋଷ କୁମାର ପାଢ଼ୀ, ବାସୁଦେବ ପାଢ଼ୀ, ସଚିନ ପାଢ଼ୀ ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ ଥିବା ବେଳେ ଗୌରହରି ବିଷୋୟୀ, ବାସୁଦେବ ସ୍ୱାଇଁ, ଶ୍ରୀଦୀପ ମହାପାତ୍ର, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ଉତ୍ସବ ସହଯୋଗ କରୁଛନ୍ତି।

### ବିପର୍ଯ୍ୟୟ ପ୍ରଶମନ ନେଇ ମକଡ୍ରିଲ

**ଶେରଗଡ଼, ୧୮।୬(ସୂର୍ଯ୍ୟ ନାରାୟଣ ଦାଶ):** ଶେରଗଡ ବ୍ଲକ ପରିସରରେ ରବିବାର ବିପର୍ଯ୍ୟୟ ପ୍ରଶମନ ନେଇ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବାଶିଷ ବରାଳ ଏହାକୁ ଶୁଭାରମ୍ଭ କରିଥିଲେ। ଅଗ୍ନି ନିର୍ବାପକ କର୍ମଚାରୀ, ସ୍ୱେଚ୍ଛାସେବୀମାନେ ବାତ୍ୟା, ବନ୍ୟା, ନିଆଁ ଦାଉରୁ କିପରି ଜନଜୀବନ ଉଦ୍ଧାର କରାଯାଇପାରିବ ଓ ସମସ୍ତେ ସୁରକ୍ଷିତ ରହିପାରିବେ ସେ ଦିଗରେ କୌଶଳ ଦେଖାଇଥିଲେ। ଜିପିଓ ଜି. ରବିକୁମାରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଖବରକାଗଜ ଏଜେଣ୍ଟଙ୍କ ମାତୃ ବିୟୋଗ

**ପାତ୍ରପୁର, ୧୮।୬(ଉମା ଚରଣ ନେପାକ):** ପାତ୍ରପୁର ଗ୍ରାମର ଖବରକାଗଜ ଏଜେଣ୍ଟ ଅଜୟ କୁମାର ସାହୁଙ୍କ ମାତା ସାବିତ୍ରୀ ସାହୁ(୭୫)ଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ, ଦୁଇ ଝିଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ ପୁଅ ଅଜୟ ମୁଖାଗ୍ନି ଦେଇଥିଲେ।

### ରାମେଶ୍ୱର ପେଣ୍ଟର ସଂଘର ନୂତନ କର୍ମକର୍ତ୍ତା ଚୟନ

**ପୋଲସରା,୧୮।୬(ସୁବ୍ରତ ବେହେରା):** ପୋଲସରା ବ୍ଲକର ସମସ୍ତ ପେଣ୍ଟରମାନଙ୍କୁ ନେଇ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପେଣ୍ଟରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ମଧ୍ୟ ହୋଇଥଲା। ଏହି ବୈଠକରେ ସଂଘର ନୂତନ ସଭାପତି ଭାବେ ନାରାୟଣ ସାହୁ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ପ୍ରକାଶ ଦାସ, ସମ୍ପାଦକ ଭାବେ ଜଗନ୍ନାଥ ଡାଙ୍ଗୁଆ, ସହସମ୍ପାଦକ ଭାବରେ ଟୁନା ଦାସଙ୍କୁ ଚୟନ କରାଯାଇଥିଲା। ପ୍ରତ୍ୟେକ ମାସରେ ପେଣ୍ଟରମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ସମସ୍ତ ପେଣ୍ଟରମାନେ ଉପସ୍ଥିତ ଥିଲେ।

### ବିଏଡ୍ ତାଲିମପ୍ରାପ୍ତ ଶିକ୍ଷକଙ୍କ ବୈଠକ

**ଆସିକା,୧୮।୬(ସୁରେନ୍ଦ୍ର ନାଥ ସାହୁ):** ଗଞ୍ଜାମ ଜିଲା ବିଏଡ ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ଏକ ଜରୁରୀ ବୈଠକ ରବିବାର ଆସିକା ପୁଡୁଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସରକାର ଏଲିମେଣ୍ଟାରୀ କ୍ୟାଡରରେ ତାଲିମପ୍ରାପ୍ତ ବିଏଡ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ଦେଇଥିଲେ ମଧ୍ୟ ଦରମା ଓ ପଦୋନ୍ନତି କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମତ ପ୍ରକାଶ ପାଇଥିଲା। ପଦୋନ୍ନତି କ୍ଷେତ୍ରରେ ୧୯୯୭, ୨୦୦୯, ୨୦୧୪ ଓ ୨୦୧୯ରେ ପ୍ରଣିତ ଏଲିମେଣ୍ଟାରୀ କ୍ୟାଡର ରୁଲରେ ଶିକ୍ଷକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଇନାହିଁ। ୨୦୧୯ କ୍ୟାଡର ରୁଲ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ମୁତାବକ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଥିଲା। ଦିଆଯାଉନାହିଁ। ଏହି ବର୍ଗର ଶିକ୍ଷକମାନେ ସେମାନଙ୍କ ନୀତିଗତ ହକ୍ ହାସଲ ଲାଗି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧହେବେ ବୋଲି ବୈଠକରେ ନିଷ୍ପି ନିଆଯାଇଥିଲା। ଜିଲାର ୨୦ଟି ବ୍ଲକର ୨୦୦୧ ରୁ ୨୦୧୮ ପର୍ଯ୍ୟନ୍ତ ବିଏଡ ଯୋଗ୍ୟତା ଥାଇ ନିଯୁକ୍ତି ପାଇଥିବା ଶିକ୍ଷକମାନେ ବୈଠକରେ ସାମିଲ ଥିଲେ। ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ଜିଲା ସଭାପତି ରାମନାଥ ପଟ୍ଟନାୟକ, ସମ୍ପାଦକ ପ୍ରତାପ ଚନ୍ଦ୍ର ବେହେରା, ସରୋଜ କୁମାର ନାୟକ, ବିଚିତ୍ର ବିହାରୀ ଦାସଙ୍କ ସମେତ ବହୁ ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପିଛା ଛାଡୁନି ପାଣି ସମସ୍ୟା

## ଖରା ସାଙ୍ଗକୁ ବଢୁଛି ଜଳ କଷ୍ଟ

**ଚିକିଟି,୧୮।୬(ପ୍ରକାଶ ଚନ୍ଦ୍ର ସାହୁ)**



ଅଭିଯୋଗ କରିବାକୁ ଆସିଥିବା ମହିଳା ।

ଦିନକୁଦିନ ତାପମାତ୍ରା ଅସହାୟ ହେବାରେ ଲାଗିଛି। ସକାଳ ୮ଟାଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳିଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳି ସମୟରେ ଗଞ୍ଜାମ ଜିଲା ଚିକିଟି ଅଞ୍ଚଳରେ ପାଣି ସମସ୍ୟା ମଣିଷକୁ ଦ୍ୱିଗଣିତ କରିପକାଇଛି। ୧୨ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତିଦିନ ବିଭିନ୍ନ ସାହିରେ ପାନୀୟଜଳ ସମସ୍ୟା ନେଇ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଲୋକମାନେ ଆନ୍ଦୋଳନ କରୁଛନ୍ତି। ତଥାପି ଅଞ୍ଚଳବାସୀଙ୍କ ଜଳକଷ୍ଟ କମିବାର ନା ଧରୁନି। ଶନିବାର ୮ ୱାର୍ଡ ବୈଷ୍ଣମ ସାହିର ୧୫ ରୁ ଉର୍ଦ୍ଧ୍ୱ ମହିଳା ଜନସ୍ୱାସ୍ଥ୍ୟ ବିଭାଗ ସମ୍ମୁଖରେ ପହଞ୍ଚି ହୋ ହାଲା କରିଥିଲେ। ଉକ୍ତ ସାହିରେ ଦୀର୍ଘ ଦୁଇମାସ ଧରି ପାଣି ସମସ୍ୟା ଲାଗିରହିଥିବା ନେଇ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇପାରୁନଥିବା ଅଭିଯୋଗ କରିଛନ୍ତି। ଉକ୍ତ ସାହିରେ ପ୍ରାୟ ୪୭ଟି ପରିବାର ରହନ୍ତି। ପ୍ରତ୍ୟେକ ପରିବାର ଘର ଦାଣ୍ଡରେ ଷ୍ଟାଣ୍ଡପୋଷ୍ଟ ରହିଥିଲେ ସୁଦ୍ଧା ପାଣି ଆସୁନାହିଁ। ଅପରପକ୍ଷରେ ଉକ୍ତ ସାହିରେ ଗୋଟିଏ ମାତ୍ର ନଳକୂପ ରହିଛି। ସେହି ନଳକୂପରୁ ବିଳମ୍ବରେ ପାଣି ବାହାରିବା ସହିତ କଳଙ୍କି ଯୁକ୍ତ ପାଣି ବାହାରୁଛି। ଏହି ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜିର ରହିଛି। ପ୍ରତିବର୍ଷ ଏହି ୱାର୍ଡରେ ଜଳାଭାବ ଉତ୍କଟ ଦେଖାଦେଇଥାଏ। ୧୨ଟି ୱାର୍ଡ ମଧ୍ୟରୁ କେତୋଟି ୱାର୍ଡରେ ନିୟମିତ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଅଧିକାଂଶ ୱାର୍ଡରେ ପାଣି ମିଳୁନଥାଏ। ବିଶେଷ କରି ୪,୬,୮ ୱାର୍ଡରେ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଚଳିତବର୍ଷ ମଧ୍ୟ ଏହି ଅଞ୍ଚଳରେ ଜଳଯୋଗାଣ ବ୍ୟାହତ ହୋଇଛି। ଏଣୁ ଉକ୍ତ ସାହିରେ ନୂତନ ନଳକୂପ ଖୋଳାଯିବ ସହିତ ଟେଙ୍କର ଯୋଗେ ପାଣି ଯୋଗାଇଦେବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁଃଖିଶ୍ୟାମ ପାତ୍ରଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ସାହିଟି ଶେଷମୁଣ୍ଡରେ ଅବସ୍ଥିତ। ପ୍ରଚଣ୍ଡ ରୌଦ୍ରତାପରୁ ଭୂତଳଜଳ ହ୍ରାସ ପାଇବା ଫଳରେ ଶେଷ ମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। ଏଣୁ ଏହି ପାଣି ସମସ୍ୟା ଲାଗିରହୁଛି। ଏହାକୁ ଦୂରକରିବା ପାଇଁ ଟେଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଉତ୍କଳ ମହିଳା ସମିତି ଗଞ୍ଜାମ ଜିଲା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ନାରୀ ନେତ୍ରୀମାନେ।

## ଲୋକ ସଭା-ବିଧାନସଭାରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଦାବି

**ବ୍ରହ୍ମପୁର,୧୮।୬(ନରସିଂହ ସାହୁ)** ସିପିଆଇ ସଂଲଗ୍ନ ଉତ୍କଳ ମହିଳା ସମିତିର ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶମ ହଲରେ ଆୟୋଜିତ ସମ୍ମିଳନୀକୁ ବାମପନ୍ଥୀ ନାରୀନେତ୍ରୀ ବନଲତା ଜେନା ଉଦଘାଟନ କରିଥିଲେ। ରାଜ୍ୟରେ ମହିଳାଙ୍କ ଉପରେ ରୀତିମତ ଅତ୍ୟାଚାର ଓ ନିର୍ଯାତନା ବଢ଼ି ଚାଲିଥିବା ସେ ଦର୍ଶାଇଥିଲେ। ଲୋକସଭା ଓ ବିଧାନସଭାରେ ମହିଳାଙ୍କ ନିମନ୍ତେ କେନ୍ଦ୍ର ସରକାର ସ୍ଥାନ ସଂରକ୍ଷଣ ନିମନ୍ତେ ବିଲ ଗୃହିତ କରୁନଥିବା ଜେନା ସଂଗୀନ ଆରୋପ କରିଥିଲେ। ଏହି ଦାବି ପୂରଣ ପାଇଁ ମହିଳାମାନେ ସଂଗଠିତ ହୋଇ ସ୍ୱର ଉତ୍ତୋଳନ କରିବାକୁ ବନଲତା ସମବେତ ମହିଳାଙ୍କୁ ଆହ୍ୱାନ ଦେଇଥିଲେ।

ପ୍ରାରମ୍ଭରେ ସମିତିର ପତାକା ରାଜ୍ୟ ଉପସଭାନେତ୍ରୀ ଏନ. ଭାନୁମତୀ ରେଡ଼ି ଉତ୍ତୋଳନ କରିଥିଲେ। ସରସ୍ୱତୀ ପ୍ରଧାନ, ପ୍ରତିମା ଦେବୀ, ଜ୍ୟୋସ୍ନା ମହାରଣା, ସବିତା ଗୌଡ଼ଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସମ୍ମିଳନୀରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାସ, ଯୁବ ସଂଘ ନେତା କାମଦେବ ନାହାକ ଓ ଅନ୍ୟ ବାମପନ୍ଥୀ ନେତା ଯୋଗ ଦେଇଥିଲେ। ଅଧିକାର ହାସଲ ପାଇଁ ମହିଳା ସମିତି ସଦସ୍ୟାମାନେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆର.ବିଜୟଲକ୍ଷ୍ମୀ ସଭାନେତ୍ରୀ, ଜ୍ୟୋସ୍ନା ମହାରଣାଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ କରାଯାଇଥିବା ବେଳେ ସବିତା ଗୌଡ଼, ପ୍ରତିମା ଦେବୀ, ସନ୍ତୋଷିନୀ ପାତ୍ର ଉପସଭାନେତ୍ରୀ ଏବଂ ସରସ୍ୱତୀ ପ୍ରଧାନ ସମ୍ପାଦିକା ହୋଇଛନ୍ତି। ସୁଷମା ସ୍ୱାଇଁ, ପୁଷ୍ପାବତୀ ମହାରଣା, ସହ ସମ୍ପାଦିକା ହୋଇଥିବା ଘୋଷଣା ହୋଇଛି। ୩୧ ଜଣିଆ ପରିଷଦ ଗଠନ ହୋଇଛି

# ରଥଯାତ୍ରା ପ୍ରସ୍ତୁତି ତଦାରଖ କଲେ ଜିଲାପାଳ

**ପାରଳାଖେମୁଣ୍ଡି, ୧୮।୬ (ଗିରିଧାରୀ ପରିଚ୍ଛା)**


ରଥଯାତ୍ରା ପ୍ରସ୍ତୁତି ତଦାରଖ କରୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

ଆଉ ଦୁଇଦିନ ରହିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ସେଥିପାଇଁ ଉପାନ୍ତ ଶ୍ରୀକ୍ଷେତ୍ର ଭାବେ ପରିଚିତ ପାରଳାଖେମୁଣ୍ଡି ସହର ଏବେ ଚଳଚଞ୍ଚଳ। ଚଳିତ ବର୍ଷ ରଥଯାତ୍ରା ପାଳନ ପାଇଁ ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀ ଜୋରସୋରରେ ଲାଗିପଡିଛନ୍ତି। ସେପଟେ ମହାରଣା ସେବାୟତମାନେ ରଥରେ ଶେଷ ସ୍ୱର୍ଶ ଦେବାରେ ବ୍ୟସ୍ତ। ଶନିବାର ସନ୍ଧ୍ୟାରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଏସ୍‌ପି ଏସ. ସ୍ୱାତୀ କୁମାରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ରଥଯାତ୍ରା ପ୍ରସ୍ତୁତି ତଦାରଖ କରିଛନ୍ତି। ସବୁବେଳେ ରଥଯାତ୍ରା କମିଟି ରଥ ନିର୍ମାଣ କାର୍ଯ୍ୟ ହାତକୁ ନେଇ ରଥଯାତ୍ରା କରିଥାନ୍ତି। କିନ୍ତୁ ଚଳିତ ଥର ପ୍ରଶାସନ ରଥଯାତ୍ରାର ଦାୟିତ୍ୱ ନିଜ ହାତକୁ ନେଇଛି। ବଡ଼ଦାଣ୍ଡରେ ୩ ରଥ ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରଣା ସେବକମାନେ ଦିନରାତି ଏକକରି ରଥ ନିର୍ମାଣରେ ଲାଗିପଡିଛନ୍ତି। ସେପଟେ ବଡ଼ଦାଣ୍ଡରେ ରଙ୍ଗବେରଙ୍ଗ ଝୋଟିରେ ସଜେଇ ହେଲାଣି ବଡଦାଣ୍ଡ। ୩ ରଥକୁ ସଜାଇବା ପାଇଁ ରଙ୍ଗ ଦିଆ କାର୍ଯ୍ୟ ଜୋରସୋରରେ ଚାଲିଛି। ରଥଯାତ୍ରା ପାଇଁ ବଡଦାଣ୍ଡ ରାସ୍ତା ମରାମତି, ଗୁଣ୍ଡିଚାବାଡ଼ିରେ ପରିମଳ ବ୍ୟବସ୍ଥା ସହ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଜିଲାର ସମସ୍ତ ବିଭାଗକୁ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ତେବେ ଯାତ୍ରା ୧୦ ଦିନ ଧରି ସମସ୍ତ ଭକ୍ତ ଯେଭଳି ଅନ୍ନପ୍ରସାଦ ସୁରୁଖୁରରେ ପାଇପାରିବେ ସେ ନେଇ ଚଳିତ ଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ତହସିଲଦାର ନାରାୟଣ ବେହେରା କହିଛନ୍ତି।

## ତିନି ରଥରେ ସଂଯୋଗ ହେଲା ନୀଳଚକ୍ର

**ପାରଳାଖେମୁଣ୍ଡି, ୧୮।୬ (ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ରବିବାର ନେତ୍ର ଉତ୍ସବ ପାଳିତ ହୋଇଯାଇଛି। ରୀତିନୀତି ଅନୁସାରେ ତିନି ରଥରେ ନୀଳଚକ୍ର ସଂଯୋଗ କରାଯାଇଛି । ଏହି ସମୟରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ୧୫ଦିନ ପରେ ଠାକୁରମାନେ ଜ୍ୱରରୁ ଉଠିଛନ୍ତି, ସୋମବାର ଠାକୁରଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଭିଡ ଜମିବ। ଏହାକୁ ଦୃଷ୍ଟି ଦେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଠାକୁରଙ୍କ ସମସ୍ତ ରୀତିନୀତି ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ରଥଯାତ୍ରା କମିଟିର ବସନ୍ତ ପଣ୍ଡା, ଖଲି ବରାଡ, ରାଜେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳୀରୁ ଫ୍ୟାନ୍ ଚୋରି

**ହିଞ୍ଜିଳିକାଟୁ, ୧୮।୬(ଦ୍ୱିତୀକୃଷ୍ଣ ପଣ୍ଡା)** ହିଞ୍ଜିଳିକାଟୁ ବ୍ଲକ ମକରଝୋଳ ପଞ୍ଚାୟତ ବଳରାମପୁର ବାତ୍ୟା ଆଶ୍ରୟସ୍ଥଳୀରୁ ୧୨ ସିଲିଂ ଫ୍ୟାନ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଓସଡ଼ମା ପକ୍ଷରୁ ଅଗାମୀ ବର୍ଷା ଋତୁ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀରେ ଟ୍ରେନିଂ ନିମନ୍ତେ ଏକ ପ୍ରସ୍ତୁତି କାର୍ଯ୍ୟକ୍ରମ ଆୟୋଜନ ସ୍ଥିର କରାଯାଇଥିଲା। ଏ ନେଇ ସରପଞ୍ଚ ଗଣପତି ସାହୁ ଓ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଦିବାକର ଗୌଡ଼ ଆଶ୍ରୟସ୍ଥଳୀକୁ ଯାଇଥିବା ବେଳେ ମୁଖ୍ୟ ଗେଟର ତାଲା ଭାଙ୍ଗି ୧୨ ଫ୍ୟାନକୁ କୌଣସି ବ୍ୟକ୍ତି ଚୋରି କରିନେଇଥିବା ଦେଖିଥିଲେ। ସେମାନେ ଶନିବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

**ହିଞ୍ଜିଳିକାଟୁ,୧୮।୬ (ଦ୍ୱିତୀକୃଷ୍ଣ ପଣ୍ଡା)** ହିଞ୍ଜିଳିକାଟୁ ବ୍ଲକ ପରିସରରେ ବିଡିଓ ସୁବ୍ରତ କୁମାର ଜେନାଙ୍କ ଅଧକ୍ଷତାରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳିକାଟୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳ ସମ୍ପଦ ବିଭାଗର ଯନ୍ତ୍ରୀ ଓ ଅଧିକାରୀ ଯୋଗଦେଇଥିଲେ। ବଳରାମପୁର, ବୁରୁପୋଡ଼ା, ଖଣ୍ଡରା, ଖରିଡ଼ା, ରାଳବ, ଆଳପୁର ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକମାନେ ଭାଗ ନେଇଥିଲେ। ପରେ ଦମକଳ ବାହିନୀ ପକ୍ଷରୁ ମକଡ୍ରିଲ ପ୍ରଦର୍ଶିତ ହୋଇଥିଲା।

# ରାଜଗୋପାଳ ପାଢ଼ୀଙ୍କୁ ନାଟ୍ୟ ବୈଭବୀ ସମ୍ମାନ


ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

**ବ୍ରହ୍ମପୁର,୧୮।୬(ସ୍ମୃତି ରଞ୍ଜନ ମହାଲିକ)** ଅଲ ଇଣ୍ଡିଆ ଥିଏଟର କାଉନସିଲ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜ ଗୋପାଳ ପାଢୀଙ୍କୁ ଜାତୀୟ ନାଟ୍ୟ ବୈଭବୀ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ କଳା ବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ସର୍ବଭାରତୀୟ ନାଟକ ଓ ନୃତ୍ୟ ପ୍ରତିଯୋଗିତାର ଉଦଘାଟନୀ ଦିବସରେ ପାଢ଼ୀଙ୍କୁ ଏହି ସମ୍ମାନ ମିଳିଛି। ପୂର୍ବତନ ଆୟକର ବିଭାଗ ମୁଖ୍ୟ ପ୍ରଦୋଷ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ସମାନ ପ୍ରଦାନ କରିଥିଲେ। ଓଡିଶାର କଳାର ବିକାଶ ପାଇଁ ଅଲ ଇଣ୍ଡିଆ ଥିଏଟର କାଉନସିଲ ସମସ୍ତ ସହଯୋଗ କରିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ୫-ଟି ସଚିବଙ୍କୁ ଭେଟିଲେ ଏସ୍‌ଏମ୍‌ସି କମିଟି ସଭାପତି

## ପ୍ରଧାନ ଶିକ୍ଷକଙ୍କ ନାଁରେ ଦୁର୍ନୀତି ଅଭିଯୋଗ

**ଖଜୁରିପଡ଼ା,୧୮।୬(ବିଦୁର ବେହେରା)** ସମସ୍ତଙ୍କୁ ଶିକ୍ଷିତ ସ୍ୱାକ୍ଷର କରିବା ପାଇଁ ଶିକ୍ଷା ବ୍ୟବସ୍ଥା ଉପରେ ୫-ଟି ସଚିବ ନଜର ରଖୁଛନ୍ତି। ପ୍ରତି ସ୍କୁଲକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରୁଛନ୍ତି। ଶିକ୍ଷକମାନଙ୍କୁ ମୋଟା ଅଙ୍କରେ ଦରମା ମଧ୍ୟ ପ୍ରଦାନ କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ଶିକ୍ଷକମାନେ ଶିକ୍ଷା ପ୍ରତି ଅବହେଳା ପ୍ରଦର୍ଶନ କରିବା ସହ ବିଦ୍ୟାଳୟକୁ ଆସୁଥିବା ଅର୍ଥକୁ ହରିଲୁଟ୍ କରୁଛନ୍ତି। ଏହା ଦେଖିବାକୁ ମିଳିଛି ବଲସକୁମ୍ପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେର ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି।

ସେ ପାଠ ପଢ଼ାରେ ଅବହେଳା କରି ସ୍କୁଲକୁ ଠିକ୍ ସମୟରେ ଆସୁନାହାନ୍ତି। ମଧ୍ୟାହ୍ନ ଭୋଜନ ଟଙ୍କାକୁ ହରିଲୁଟ କରି ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଦେଉ ନାହାନ୍ତି ଉପଯୁକ୍ତ ଖର୍ଚ୍ଚ ହୋଇଥିବା ଟଙ୍କା। ଖେଳ କୁଦ, ସ୍କୁଲ ସାମଗ୍ରୀ ଲାଗି କିଣିବା ପାଇଁ ସରକାର ଯୋଗାଉଥିବା ଟଙ୍କାକୁ ଉଠେଇ ମନ ଇଚ୍ଛା ଖର୍ଚ୍ଚ କରୁଛନ୍ତି। ଛାତ୍ରୀମାନଙ୍କୁ ଅସଦାଚରଣ, ସ୍କୁଲରେ ଚାନ୍ଦା ଆଦାୟ କରୁଛନ୍ତି। ଏବଂ ନିଶାସକ୍ତ ଅବସ୍ଥାରେ ସ୍କୁଲ ଆସିବା ସହିତ ନିଶା ଦ୍ରବ୍ୟ ଗାଡ଼ି ଡିକିରେ ରଖୁଥିବା ଅଭିଯୋଗ କରିଛନ୍ତି। ସ୍କୁଲରେ ଛାତ୍ରୀଛାତ ମୌଳିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଆଦି ଅଭିଯୋଗ କରିଛନ୍ତି। ଏହି ସବୁ ସମସ୍ୟା ନେଇ ଗତ ୧୦ ମାର୍ଚ୍ଚରେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ତେଣୁ ଗତ ଶୁକ୍ରବାର ୫-ଟି ସଚିବ ଭିକେ ପାଣ୍ଡିଆନ କନ୍ଧମାଳ ଗସ୍ତରେ ଆସିଥିବା ବେଳେ ଉକ୍ତ ବିଦ୍ୟାଳୟର ଏସ୍‌ଏମ୍‌ସି କମିଟି ସଭାପତି ପ୍ରଫୁଲ୍ଲ ବେହେରା ତାଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେହିପରି ସ୍ମାର୍ଟ ସ୍କୁଲରେ କୌଣସି ନୂତନ ଘର ନିର୍ମାଣ ନ କରି କେବଳ ରଙ୍ଗ ଲଗେଇ ବିଲ କରି ନେଇଥିବା ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଭୂତ କୋଠୀ ପାଲଟି ରହିଥିବା ମାଷ୍ଟର କ୍ୱାଟର ଘରକୁ ନୂତନ ଭାବେ ନିର୍ମାଣ କରିବା, ବିଦ୍ୟାଳୟରେ ଦୁର୍ନୀତି ହଟେଇ ଏକ ସୁନ୍ଦରମୟ ସ୍ମାର୍ଟ ସ୍କୁଲ କରିବା ପାଇଁ ସଚିବଙ୍କୁ ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେହି ବିଦ୍ୟାଳୟରେ ରହିବାକୁ ମୋର ଇଚ୍ଛା ନାହିଁ ଏବଂ ଉକ୍ତ ଅଭିଯୋଗ ଗୁଡ଼ିକର ତଦନ୍ତ ରିପୋର୍ଟ ଭୁବେନେଶ୍ୱର ଶିକ୍ଷା ନିର୍ଦ୍ଦେଶକଙ୍କୁ ପଠାଯାଇଛି। ସେ ଯାହା କାର୍ଯ୍ୟାନୁଷ୍ଠାନ ନେବେ ମୁଁ ତାକୁ ଗ୍ରହଣ କରିବି ବୋଲି ସେ କହିଛନ୍ତି।

# ପୋଲିସ କବ୍‌ଜାରେ ଅଭିଯୁକ୍ତ ମେଘା

## ଘରେ ପଶି ସଂଘବଦ୍ଧ ଆକ୍ରମଣ ଅଭିଯୋଗ

**ବ୍ରହ୍ମପୁର,୧୮।୬(ସୁବାସ ଚନ୍ଦ୍ର ପାଢ଼ୀ)** ବଡବଜାର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ବୃଦ୍ଧ ଦମ୍ପତିଙ୍କ ସମେତ ଘରର ଅନ୍ୟାନ୍ୟ ସଦସ୍ୟଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ପୋଲିସ ଦୁର୍ଦ୍ଦାନ୍ତ ମେଘା ବେହେରାଙ୍କୁ କାବୁ କରିଛି। ପୂର୍ବ ଶତ୍ରୁତାରୁ ମେଘା ଓ ତାଙ୍କ ସହଯୋଗୀମାନେ ଏପରି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୯ତାରିଖ ରାତି ସାଢ଼େ ୧୦ ଟାରେ ଜଣେ ମହିଳାଙ୍କ ସହ ଘରର ଅନ୍ୟମାନେ ଘର ସମ୍ମୁଖରେ ବସିଥିଲେ। ମେଘା ଓ ତାଙ୍କର ଅନ୍ୟ ୫ ସହଯୋଗୀ ସେଠାରେ ପହଞ୍ଚି ମହିଳାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ତାଙ୍କ ପୁଅକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପରିବାର ଲୋକେ ଘରକୁ ପଳାଇବାରୁ ଅଭିଯୁକ୍ତମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ମହିଳାଙ୍କୁ ଆକ୍ରମଣ କରିବା ସହ ତାଙ୍କୁ ଟଣାଓଟରା କରିଥିଲେ। ତାଙ୍କର ପୁଅ ଶ୍ରୀଧର ବେହେରା ଏହାର ପ୍ରତିବାଦ କରିବାରୁ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ଏଭଳି ଆତଙ୍କରାଜ ଦେଖି ପରିବାର ଭୟଭୀତ ହୋଇ ବାହାରକୁ ଚାଲିଯାଇଥିଲେ। ପରେ ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ୧୯୯/୨୩ ରେ ଏକ ମାମଲା ରୁଜୁ କରିଛି। ଉକ୍ତ ମାମଲାଟି ଜାତିଆଣ ହୋଇଥିବାରୁ ବର୍ତ୍ତମାନ ଏହାର ତଦନ୍ତ ଜଣେ ମହିଳା ଡ଼ିଏସପି କରୁଛନ୍ତି।

# ବିହନ ଧରି ବର୍ଷା ଅପେକ୍ଷାରେ ଚାଷୀ

## ଜଳୁଛି ଗାଁ ଓ ସହର

**ଗଞ୍ଜାମ,୧୮।୬(ବିଦ୍ୟାଧର ସାହୁ)** ଗଞ୍ଜାମ ସହରରେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରି ପକାଇଲାଣି। ଅତ୍ୟଧିକ ଉତ୍ତାପ ଯୋଗୁ ଜଳୁଛି ଗାଁ ଆଉ ସହର। ଏଥିଯୋଗୁ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଅନ୍ୟପଟେ ବର୍ଷାକୁ ଚାହିଁ ରହିଛନ୍ତି ଗଞ୍ଜାମ ବ୍ଲକ ଅଞ୍ଚଳର ଚାଷୀ। ଚାଷୀ ଜମି ଚାଷ କରିବା ସହ ବିହନ ମଧ୍ୟ କିଣା ସରିଛି। ବର୍ଷା ହେଲେ ତଳି ବୁଣିବେ। କିନ୍ତୁ ବର୍ଷାର ଦେଖା ନାହିଁ। ପନ୍ଦର ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ମୋଟ ୧୨ ହଜାର ୮୬୪ ହେକ୍ଟର ଚାଷଜମି ଥିବା ବେଳେ ସେଥିରୁ ୪ ହଜାର ୮୧୬ ହେକ୍ଟର ଜମିରେ ଧାନ ଫସଲ ହେଉଛି। କିଛି ଚାଷୀ ବିହନ ପାଇବା ନିମନ୍ତେ ଏପର୍ଯ୍ୟନ୍ତ ନିଜ ନାମ ପଞ୍ଜୀକୃତ କରିନାହାନ୍ତି ବୋଲି ଶୁଣିବାକୁ ମିଳୁଛି। ଫଳରେ ବିହନ ପାଇବା ନେଇ ସନ୍ଦେହରେ ଅଛନ୍ତି ଅଣପଞ୍ଜୀକୃତ ଚାଷୀ। ଯଦି ବାହାରରୁ ଚାଷୀ ବିହନ କିଣି ଜମିରେ ବୁଣନ୍ତି ତାହାହେଲେ କ୍ଷତି ହେଲେ କ୍ଷତିପୂରଣ ପାଇବେ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉନ୍ନତମାନର ଚାଷ ପ୍ରଣାଳୀ ନିମନ୍ତେ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରୁଥିବା ବେଳେ ଏହି ବ୍ଲକରେ ତାହା ବ୍ୟତିକ୍ରମ ହେଉଥିବା କିଛି ଚାଷୀ ସୂଚନା ଦେଇଛନ୍ତି। ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଏଠାକାର ଚାଷୀ ଜାଣିପାରୁନାହାନ୍ତି କିମ୍ବା ସେମାନଙ୍କୁ ଅବଗତ କରାଯାଉନି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀଙ୍କୁ ଯୋଗାଯୋଗ ହୋଇପାରିନଥିଲା ବେଳେ ଚାଷୀମାନଙ୍କ ସମସ୍ୟାକୁ ନେଇ ସବୁବେଳେ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଇ ଆସିଛି । ସମସ୍ୟା କ'ଣ ରହିଛି ଏଇଓଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ଜସ୍ମିନ ପ୍ରଧାନ ସୂଚନା ଦେଇଛନ୍ତି।

# ବିପର୍ଯ୍ୟସ୍ତ ଅବସ୍ଥାରେ ହାତୀଖାଲ ଶଙ୍ଖ

- ବିପଦକୁ ଡାକୁଛି ଭଙ୍ଗା ଗାର୍ଡ ୱାଲ୍
- ତୁରନ୍ତ ପ୍ରତିକାର ସହ ହାଇ ଲେଭଲ୍ ବ୍ରିଜ୍ ନିର୍ମାଣ ଦାବି

**ବୁଗୁଡ଼ା,୧୮।୬(କାଳୀଚରଣ ଦାଶ)**


ହାତୀଖାଲ ଶଙ୍ଖ

ବୁଗୁଡା ବାଘୁଆ ଜଳସେଚନ ବିଭାଗ ଅଧୀନରେ ଥିବା କତକଲା ଛକଠାରୁ କୁବେରେଶ୍ୱର ମନ୍ଦିର ଯାଏ ଥିବା ବାଘୁଆ କେନାଲ ରାସ୍ତାରେ ନିର୍ମିତ ହାତୀଖାଲ ଶଙ୍ଖର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଏହାର ଗାର୍ଡ ୱାଲ୍ ଭାଙ୍ଗିଯାଇ ବିପଦକୁ ଆହ୍ୱାନ କରୁଛି। ଶହ ଶହ ଶ୍ରଦ୍ଧାଳୁଙ୍କୁ ସେହି ରାସ୍ତା ଦେଇ ପ୍ରସିଦ୍ଧ ଶୈବପୀଠ କୁବେରେଶ୍ୱରକୁ ଯିବାକୁ ପଡୁଛି। ଏଥିସହ ବୁଗୁଡ଼ାକୁ ମୁଖ୍ୟ ସଡ଼କରେ ଯାତାୟାତ କରିବାଠାରୁ ଦୂରତା କମ୍ ପଡୁଥିବାରୁ ପାଣିକେଶ୍ୱର, ମହୁଲପଲ୍ଲୀ, ଭଗବାନପୁର, ଟଭାପଲ୍ଲୀ ଓ ଦଦରାଖୋଲ ଆଦି ଗ୍ରାମର ଲୋକେ ଏହି କେନାଲ ରାସ୍ତାକୁ ଆପଣାଇଛନ୍ତି। ତେବେ ହାତୀଖାଲ ଶଙ୍ଖ ବିପର୍ଯ୍ୟସ୍ତ ସାଙ୍ଗକୁ ତା'ର ଗାର୍ଡ ୱାଲ ଭାଙ୍ଗି ଯାଇଥିବାରୁ ଯାନବାହାନରେ ଯାତାୟାତ କରୁଥିବା ଲେକେ ପ୍ରମାଦ ଗଣୁଛନ୍ତି। ଯଦି ଯାତାୟାତ ସମୟରେ ଲୋକେ କୌଣସି କାରଣରୁ ସାଧାରଣ ଅନ୍ୟମନସ୍କ କିମ୍ବା ଅସାବଧାନ ହୁଅନ୍ତି ତେବେ ସେହି ଭଙ୍ଗା ଗାର୍ଡ ୱାଲ୍‌ଠାରେ ୮ ମିଟର ଖାଲ ମଧ୍ୟକୁ ଗଳି ପଡିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଯାନବାହନ ଚାଳକ ତଥା ଅନ୍ୟ ଲୋକଙ୍କ ଜୀବନ ରକ୍ଷା ପାଇଁ ସେହି ଭଗ୍ନ ଗାର୍ଡ ୱାଲର ପୁନଃ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ପ୍ରାୟ ଷାଠିଏ ବର୍ଷ ହେବ ସେହି ଅଙ୍କାବଙ୍କା ହାତୀଖାଲ ଶଙ୍ଖ ତିଆରି ହୋଇଥିବାରୁ ତାହାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇ ପଡିଲାଣି। ସେହି ଶଙ୍ଖ ରାସ୍ତା ଦେଇ ଦୈନିକ ଅନେକ ମାଲ ବୋଝେଇ ଟ୍ରାକ୍ଟର ଯାଉଥିବାରୁ କେତେବେଳେ ଯେ ତାହା ଭୁଶୁଡି ପଡିବ ସେ ନେଇ ମଧ୍ୟ ଶଙ୍କା ସୃଷ୍ଟି ହୋଇଛି। ଯଦି ସେହି ଶଙ୍କାପ୍ରଦ ଶଙ୍ଖ କୌଣସି କାରଣରୁ ଭାଙ୍ଗିଗଲା ତେବେ ସେହି ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯିବ। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ସେଠାରେ ଏକ ହାଇ ଲେଭଲ୍ ବ୍ରିଜ୍ ନିର୍ମାଣ କରାଯିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇବା ସହ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ବାଘୁଆ ଜଳସେଚନ ବିଭାଗୀୟ ଏସ୍‌ଡିଓ କୃଷ୍ଣଚନ୍ଦ୍ର ପାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଭଙ୍ଗା ଗାର୍ଡ ୱାଲର ପୁନଃ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରାଯିବ ଏବଂ ହାଇ ଲେଭଲ୍ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଉଚ୍ଚସ୍ତରୀୟ ପଦକ୍ଷେପ ଅଟେ।

